

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୬ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 16 JULY 2025

Vol.No. 36 ■ No.187 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଶୋକାକୁଳ ପରିବେଶରେ ସୌମ୍ୟାଶ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ

- ♦ଦୋଷୀଙ୍କ ବିରୋଧରେ ହେବ କଡା କାର୍ଯ୍ୟାନୁଷ୍ଠାନ: ରାଜ୍ୟପାଳ
- ♦ମୃତ ସୌମ୍ୟାଶ୍ରୀଙ୍କ ପରିବାରକୁ ୨୦ ଲକ୍ଷର ସହାୟତା : ମୁଖ୍ୟମନ୍ତ୍ରୀ
- ♦ପୀଡ଼ିତାଙ୍କୁ ନ୍ୟାୟ ଦେବା ସରକାରଙ୍କ ଏକ ମାତ୍ର ଲକ୍ଷ୍ୟ: ରାଜସ୍ୱ ମନ୍ତ୍ରୀ
- ♦ଆତ୍ମହତ୍ୟା ନୁହେଁ ସଂଗଠିତ ହତ୍ୟା: ରାହୁଲ ଗାନ୍ଧୀ
- ♦ଆଜି ୮ ଘଂଟିଆ ବାଲେଶ୍ୱର ବନ୍ଦ ଡାକରା ଦେଲା ବିଜେଡ଼ି
- ♦ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଲା କଂଗ୍ରେସ



ବାଲେଶ୍ୱର, ୧୫/୭ (ନି.ପ୍ର): ପଞ୍ଚଭୂତରେ ଲୀନ ହେଲେ ସୌମ୍ୟାଶ୍ରୀ। ଗାଁ ଶ୍ମଶାନରେ ହେଲା ଶେଷକୃତ୍ୟ। ପୈତୃକ ଗାଁ ଭୋଗରାଇ ପଳାସିଆ ଗାଁରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ କରାଯାଇଛି। ସୌମ୍ୟାଶ୍ରୀଙ୍କୁ ଅଶ୍ରୁଳ ବିଦାୟ ଜଣାଇଛନ୍ତି ପରିବାର, ଆତ୍ମୀୟ ସ୍ୱଜନ ଓ ସାଙ୍ଗସାଥୀ। ଶହ ଶହ ଲୋକ ତାଙ୍କର ଶେଷକୃତ୍ୟରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ମରଶରୀରକୁ ଶ୍ମଶାନକୁ ନେବା ବାଟରେ ଶତାଧିକ ଲୋକ ଅପେକ୍ଷା କରି ରହିଥିଲେ। ସମସ୍ତଙ୍କ ଆଖିରୁ ଝରି ଆସୁଥିଲା ଲୁହ। ସାହି ପଡ଼ିଶା, ସାଙ୍ଗସାଥି ଓ ଗାଁ ଲୋକ ବି କାନ୍ଦୁଛନ୍ତି। ସୌମ୍ୟାଶ୍ରୀଙ୍କୁ ଝୁରୁଛନ୍ତି ସମସ୍ତେ। ଭୋଗରାଇ ପଳାସିଆ ଗାଁରେ ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କାନ୍ଦ ବୋବାଳିରେ ଫାଟି ପଡୁଛି ପୂରା ପଳାସିଆ ଗାଁ। ବାଲେଶ୍ୱର ଏଫଏମ କଲେଜରେ ଆତ୍ମାହୁତି ଉଦ୍ୟମ କରିଥିଲେ ସୌମ୍ୟାଶ୍ରୀ। ଶିକ୍ଷା ବିଭାଗର ଏଚଓଡି ସମୀର ସାହୁଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏଚଓଡି ତାଙ୍କୁ ଫେଭର ମାଗୁଥିବା ଅଭିଯୋଗ କରିଥିଲେ ସୌମ୍ୟାଶ୍ରୀ। ତାଙ୍କ ଅଭିଯୋଗକୁ କଲେଜ ପ୍ରଶାସନ ଗୁରୁତର ସହ ନେଇ ନଥିଲେ। ଯେଉଁଥି ପାଇଁ ଶନିବାର ସେ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ସହପାଠୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ନିଆଁ ଲାଗିବା ଯୋଗୁଁ ତାଙ୍କ ଦେହର ୯୫ ପ୍ରତିଶତ ପୋଡି ଯାଇଥିଲା ଏବଂ ତାଙ୍କର କିଡନୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ସୋମବାର ରାତି ୧୧ଟା ୪୬ରେ ଭୁବନେଶ୍ୱର ଏମସରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ ସୌମ୍ୟାଶ୍ରୀ। ଜୀବନ ମରଣ ସହ ୬୦ ଘଣ୍ଟାର ଲଢ଼େଇ ପରେ ଶେଷରେ ହାରିଗଲେ। ସେ ସୁପର ଆଇସିୟୁରେ ଚିକିତ୍ସାଧିନ ଥିଲେ। ପୀଡ଼ିତାଙ୍କ ମୃତ୍ୟୁ ନେଇ ଏମ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା। ମୃତ ସୌମ୍ୟାଶ୍ରୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହା ସହ ସବୁ ଦୋଷୀଙ୍କୁ ଆଇନ୍ ଅନୁସାରେ କଠୋରରୁ ଅତି କଠୋର ଦଣ୍ଡ ଦିଆଯିବ ବୋଲି କହିଛନ୍ତି। ବାଲେଶ୍ୱର ଘଟଣାକୁ ବିରୋଧ କରି ଓଡ଼ିଶା ବନ୍ଦ ଡାକରା। ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଲା କଂଗ୍ରେସ। କଂଗ୍ରେସ, ବାମଦଳ ସମେତ ୭ ରାଜନୈତିକ ଦଳର ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି।

▶▶ପୃଷ୍ଠା ୭

# ରାଷ୍ଟ୍ରପତିଙ୍କ ମୁହଁରେ ରେଭେନ୍ସାର ପ୍ରଶଂସା: କହିଲେ, ଚାକିରି ଖୋଜନି, ଚାକିରି ବାଣ୍ଟ



କଟକ, ୧୫/୭ (ନି.ପ୍ର): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ମହାମହିମ ରାଷ୍ଟ୍ରପତି ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସାମିଲ ହୋଇଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହକୁ ସମ୍ବୋଧିତ କରି କହିଛନ୍ତି, ଛାତ୍ରଛାତ୍ରୀମାନେ ଚାକିର କରିବାକୁ ନୁହେଁ ଚାକିରି ଦେବାକୁ ପାଠ ପଢନ୍ତୁ। ରେଭେନ୍ସା ସଂପର୍କରେ ନିଜ ଅନୁଭୂତ ବଖାଣି କହିଛନ୍ତି ମୋ ଝିଅ ଏଠାରେ ପଢୁଥିବା ବେଳେ ହଷ୍ଟେଲକୁ ଆସିଥିଲି । ରେଭେନ୍ସା ଇଟା ସିମେଣ୍ଟରେ ଗଢ଼ା କୋଠା ନୁହେଁ ଏହା ଏକ ଶାଳଗ୍ରାମ । ସେହିପରି ମଧୁବାବୁଙ୍କ ଜୋତା କାରଖାନାର ଉଦାହରଣ ମଧ୍ୟ ଦେଇଛନ୍ତି । ରେଭେନ୍ସା ଏକ ପୁରୁଣା ଅନୁଷ୍ଠାନ ହେଲେ ପୁରୁଣାକାଳିଆ ନୁହେଁ ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରେଭେନ୍ସା ସମାବର୍ତ୍ତନ ଉତ୍ସବ ପରେ

▶▶ପୃଷ୍ଠା ୭

# ଭାରତ ପରୀକ୍ଷା କଲା ହାଇପରସୋନିକ କ୍ଷେପଣାସ୍ତ୍ର



ନୂଆଦିଲ୍ଲୀ,୧୫/୭ : ଭାରତ ଏକ ନୂଆ ହାଇପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଏହି କ୍ଷେପଣାସ୍ତ୍ରର ନାମ ହେଉଛି ଏକ୍ସଟେଣ୍ଡେଡ୍ ଟ୍ରାଜେକ୍ଟୋରୀ ଲଙ୍ଗ ଡ୍ୟୁରସନ୍ ହାଇପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର। ଏହି କ୍ଷେପଣାସ୍ତ୍ରର ବିଶେଷତ୍ୱ ହେଉଛି ଏହା ଶବ୍ଦଠାରୁ ଆଠଗୁଣ ଦ୍ରୁତ ଗତିରେ ଯାଇପାରିବ। ଏହି କ୍ଷେପଣାସ୍ତ୍ର ୧୫୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ଡିଆରଡିଓ ଏହି କ୍ଷେପଣାସ୍ତ୍ରକୁ ପ୍ରୋଜେକ୍ଟ ବିଷ୍ଣୁ ଅଧୀନରେ ବିକଶିତ କରିଛି।

▶▶ପୃଷ୍ଠା ୭

# ୩ ମାସରେ ଇ-କେୱାଇସି ନ କଲେ ରାସନ କାର୍ଡ କଟାଯିବ



ଭୁବନେଶ୍ୱର, ୧୫/୭ (ନି.ପ୍ର): ରାସନ୍ କାର୍ଡ ପାଇଁ ରାଜ୍ୟରେ ୨୦ ଲକ୍ଷ ୫୮ ହଜାର ଲୋକ ଇ-କେୱାଇସି କରି ନାହାନ୍ତି। ସେମାନଙ୍କର ଚାଉଳ ବନ୍ଦ କରାଯାଇଛି। ଯଦି ଚାଉଳ ଯାଉନି ସେମାନେ ଇ-କେୱାଇସି କଲେ ସରକାର ଚାଉଳ ଦେବେ। ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତି, ଇ-କେୱାଇସି କରିନଥିବା ଲୋକଙ୍କ ପାଇଁ ୩ ମାସ ଅପେକ୍ଷା କରିବ ସରକାର । କାର୍ଡଗୁଡ଼ିକୁ ସେହି ସମୟରେ ସସପେଣ୍ଡ ଅବସ୍ଥାରେ ରହିବ। ଯଦି ୩ ମାସ ଭିତରେ ସେମାନେ ଇ-କେୱାଇସି ନକରିବେ କାର୍ଡଗୁଡ଼ିକୁ କାଟି ଦେବେ ସରକାର। ତାପରେ ଆସି ଇ-କେୱାଇସି କଲେ ଚାଉଳ ପାଇବେ।

▶▶ପୃଷ୍ଠା ୭

# ୧୮ ଦିନ ପରେ ମହାକାଶରୁ ଫେରିଲେ ଶୁଭାଂଶୁ ଶୁକ୍ଳା



ନୂଆଦିଲ୍ଲୀ,୧୫।୭: ୧୮ ଦିନ ଧରି ମହାକାଶରେ ରହିବା ପରେ ମହାକାଶଚାରୀ ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଳା ଆକ୍ସିଓମ୍-୪ ମିଶନର ଅନ୍ୟ ୩ କ୍ରିଉ ସଦସ୍ୟଙ୍କ ସହ ପୃଥିବୀରେ ଅବତରଣ କରିଛନ୍ତି। ତାଙ୍କ ମହାକାଶଯାନ ଡ୍ରାଗନ କାଲିଫର୍ନିଆ ଉପକୂଳ ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ସୁରକ୍ଷିତ ଭାବରେ ଅବତରଣ କରିଛି। ବାୟୁସେନା ଗ୍ରୁପ୍ କ୍ୟାପଟେ ଶୁଭାଂଶୁ ଶୁକ୍ଳା ଏବଂ ଆକ୍ସିଓମ୍-୪ ମିଶନର ୩ ଅନ୍ୟ କ୍ରିଉ ସଦସ୍ୟ ପେଗୀ ହ୍ୱିଟ୍ସନ୍, ସ୍ଲାଓଜ୍ ଉଜ୍ନାନ୍ସ୍କି ଏବଂ ଟିବୋର କାପ ସୋମବାର ଭାରତୀୟ ସମୟ ଅପରାହ୍ନ ସାଢ଼େ ୪ଟାରେ ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶଯାନ ଯୋଗେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଛାଡ଼ିଥିଲେ। ଦୀର୍ଘ ୧୮ ଦିନ ପରେ ଡ୍ରାଗନ୍ ସ୍ପେସ୍କ୍ରାଫ୍ଟ ଆଇଏସ୍ଏସ୍‌ରୁ ଅଲଗା ହୋଇଥିଲା। ୨୨ ଘଣ୍ଟାର ଯାତ୍ରା ପରେ ୪ ମହାକାଶଚାରୀ ମଙ୍ଗଳବାର ଭାରତୀୟ ସମୟ ଅପରାହ୍ନ ୩ଟାରେ

▶▶ପୃଷ୍ଠା ୭

# ୟେମେନରେ ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କୁ ଫାଶି ସ୍ଥଗିତ

ନୂଆଦିଲ୍ଲୀ,୧୫/୭ : ୟେମେନରେ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା କେରଳର ନିମିଷା ପ୍ରିୟାଙ୍କ ଫାଶିକୁ ସ୍ଥଗିତ ରଖାଯାଇଛି । ତାଙ୍କୁ ୧୬ ଜୁଲାଇ ତାରିଖରେ ଫାଶି ଦିଆଯିବାର ଥିଲା। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଭାରତ ସରକାର ଏହି ଜଟିଳ ମାମଲାରେ ଆରମ୍ଭରୁ ସକ୍ରିୟ ଭାବରେ ଲାଗି ରହିଛନ୍ତି ଏବଂ ନିମିଷା ପ୍ରିୟାଙ୍କ ପରିବାରକୁ ବ୍ୟାପକ ସହଯୋଗ ପ୍ରଦାନ କରୁଛନ୍ତି । ଗତ କିଛି ସପ୍ତାହ ଧରି ଭାରତୀୟ କାର୍ଯ୍ୟାଳୟ ତାଙ୍କ ପରିବାରକୁ

▶▶ପୃଷ୍ଠା ୭

# ପାକିସ୍ତାନୀ ନାଗରିକଙ୍କୁ ଧରିଲା ବିଏସଏଫ

ନୂଆଦିଲ୍ଲୀ,୧୫/୭ : ସୀମା ପାର ହୋଇ ଭାରତୀୟ ଅଂଚଳରେ ପ୍ରବେଶ କରିଥିବା ପାକିସ୍ତାନୀ ନାଗରିକଙ୍କୁ ବିଏସଏଫ ଧରିଛି। ପ୍ରାଥମିକ ତଦନ୍ତରେ ତାଙ୍କଠାରୁ କୌଣସି କାଗଜପତ୍ର ଏବଂ ଅନ୍ୟାନ୍ୟ ସୁରାକ ମିଳିନାହିଁ। ଗୁରୁଦାସପୁର ସୀମାନ୍ତ ଅଂଚଳର ଆଉଟପୋଷ୍ଟ ନମ୍ବର ୫୮ ରେ ଥିବା ବିଓପି ଚୌତାରଣ ପୋଷ୍ଟରେ ବିଏସଏଫ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ନାଗରିକ ତନବୀର କଲାନ ପାକିସ୍ତାନର ଡେନକାଲା

▶▶ପୃଷ୍ଠା ୭

# ବମ୍ବେ ଷ୍ଟକ ଏକ୍ସଚେଂଜକୁ ବୋମାରେ ଉଡାଇବାକୁ ଧମକ: ପୋଲିସ ସତର୍କ

ମୁମ୍ବାଇ, ୧୫/୭ : ଦକ୍ଷିଣ ମୁମ୍ବାଇ ସ୍ଥିତ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଇ-ମେଲ୍ ଆଇଡିକୁ ମଙ୍ଗଳବାର ସକାଳେ ବୋମାରେ ଉଡାଇଦେବାକୁ ଜଣେ ଅଜଣା ବ୍ୟକ୍ତି ଧମକ ଦେଇଛନ୍ତି । ଏହି ତଥ୍ୟ ମିଳିବା ପରେ ମୁମ୍ବାଇ ପୋଲିସ ଟିମ୍ ଘଟଣାସ୍ଥଳରେ ପହଁଚିଛି ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ପରିସରରେ ଛାନଭିନ ଚାଲିଛି। ପୋଲିସ ଅନୁଯାୟୀ, ମଙ୍ଗଳବାର ସକାଳେ ମିଳିଥିବା ଏହି ଧମକଭରା ଇ-ମେଲ୍‌ରେ ଦାବି କରାଯାଇଥିଲା ଯେ ବିଏସଇ

▶▶ପୃଷ୍ଠା ୭

# ପୁଟିନଙ୍କ ବିରୋଧରେ ଟ୍ରମ୍ପଙ୍କ ସାଂଘାତିକ ରଣନୀତି



ନୂଆଦିଲ୍ଲୀ,୧୫/୭ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ଜରିଆରେ ରୁଷର ବିରାଟ କ୍ଷତି କରିବାକୁ ଚାହୁଁଛନ୍ତି। ରୁଷ ଓ ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଚେଷ୍ଟା କରି ବିଫଳ ହେବା ପରେ ଏବେ ଟ୍ରମ୍ପ ନିଜର ରାଗ ସୁଝାଇବା ମୁଡରେ ରହିଛନ୍ତି। ଏଥିପାଇଁ ସେ ଅତ୍ୟନ୍ତ ଗୋପନ ଭାବେ ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡମିରି ଜେଲେନସ୍କିଙ୍କୁ ରୁଷର ରାଜଧାନୀ ମସ୍କୋ ଉପରେ କିଭ ଆକ୍ରମଣ କରିପାରିବ କି ନାହିଁ ପଚାରିଛନ୍ତି। ଏଥିସହ ଦୂରଗାମୀ ଲକ୍ଷ୍ୟ ଭେଦ କ୍ଷମତା ଥିବା ଅସ୍ତ୍ର ଆମେରିକା ଯୋଗାଇ ଦେବ ବୋଲି ମଧ୍ୟ ଟ୍ରମ୍ପ ତାଙ୍କ ୟୁକ୍ରେନ ପ୍ରତିପକ୍ଷଙ୍କୁ ପରୋକ୍ଷରେ ଇଙ୍ଗିତ କରିଛନ୍ତି। ଜୁଲାଇ ୪ରେ ଟ୍ରମ୍ପ ଓ ଜେଲେନସ୍କି କଥା ହୋଇଥିଲେ। ଏହି ସମୟରେ ଟ୍ରମ୍ପ ତାଙ୍କୁ ରୁଷ ଉପରେ ବଡ଼ ଆକ୍ରମଣ କରିବାକୁ କହିଛନ୍ତି। ଏହାର ଦିନକ ପୂର୍ବରୁ ସେ ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ କଥା ହୋଇଥିଲେ। ଟ୍ରମ୍ପ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ ହେଁ ପୁଟିନ ଏହାକୁ ଗ୍ରହଣ କରି ନଥିଲେ।

▶▶ପୃଷ୍ଠା ୭

# ପଶ୍ଚିମ ଓଡ଼ିଶାରେ ବର୍ଷାର ତାଣ୍ଡବ: ପାଣିରେ ଭାସିଲା ରାଉରକେଲାର ବସ୍ତି



ରାଉରକେଲା, ୧୫/୭ (ନି.ପ୍ର): ବୁଡ଼ିଲା ବସ୍ତି ଏବଂ ପାଣି ଘେରରେ ବସ୍ତି ବାସିନ୍ଦା । ଯୁଆଡ଼େ ଦେଖିବ ଆଣ୍ଠୁଏ ଉପରେ ପାଣି ! ପ୍ରବଳ ବର୍ଷାରେ ବେହାଲ ହୋଇଛି ରାଉଲକେଲା ସ୍ମାର୍ଟ୍ ସିଟି। ଲଗାଣ ବର୍ଷା ଫଳରେ ବସ୍ତିରେ ଲହଡ଼ି ଭାଙ୍ଗୁଛି ପାଣି । ଘର ଭିତରେ ଓ ବାହାରେ ପାଣି ଜମି ଥିବାରୁ ଏକ ପ୍ରକାର ଜଳବନ୍ଦୀ ହୋଇ ପଡ଼ିଛନ୍ତି ବସ୍ତି ବାସିନ୍ଦା । ବାଲୁଘାଟ, ସର୍ଦ୍ଦାର ବସ୍ତି ଓ ନିଉ ବସ୍ତି ଅଞ୍ଚଳ ପାଖାପାଖି ତିରିଶ ପରିବାର ଏବେ ପାଣି ଘେରରେ ଅଛନ୍ତି । ଆନନ୍ଦପୁର ଉପଖଣ୍ଡ ୨୦ ନମ୍ବର ଜାତୀୟ ରାଜପଥର ଶାଳପଡ଼ା ଛକଠାରେ ଜାତୀୟ ରାଜପଥ ଉପରେ ଚାଲିଛି ଆଣ୍ଠୁଏ ପାଣି । ପାଣି ଭିତରେ ରହିଛି ବଡ଼ବଡ଼ ଖାଲ । ସେହି ବାଟ ଦେଇ ଚାଲିଛି ଛୋଟବଡ଼ ଶହଶହ ଗାଡ଼ି । ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ଅବହେଳା ଯୋଗୁଁ ରାସ୍ତାର ଏଭଳି ଅବସ୍ଥାକୁ ଦାୟୀ କରି ରାସ୍ତାରୋକ କରିଛନ୍ତି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପାଲଲହଡା ରେଙ୍ଗାଳିରେ ଥିବା ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜଳଭଣ୍ଡାର ରେଙ୍ଗାଳି ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ରେଙ୍ଗାଳି ଜଳ ଭଣ୍ଡାରର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୧୨୩.୫୦ ମିଟର। ଫଳରେ ଜଳ ଭଣ୍ଡାର କର୍ତ୍ତୃପକ୍ଷ ପୂର୍ବରୁ ୨ଟି ଗେଟ୍ ଖୋଲିଥିବା ବେଳେ ଆଜି ୧୦ ନଂଗେଟ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଇଛି । ସେପଟେ ଗତକାଲି ସକ୍ରିୟ ଥିବା ଅବପାତ ଦୁର୍ବଳ ହୋଇ ଝାଡଖଣ୍ଡ ଓ ବିହାର ଉପରେ ଅବସ୍ଥିତ ଅଛି ।

▶▶ପୃଷ୍ଠା ୭

# ୨୯ଟିକିଆ ଝାଡ଼ଖଣ୍ଡି ହାତୀପଲ ଉଜାଡ଼ି ଦେଲେ ଚାଷୀର କ୍ଷେତ



ବେତନଟୀ, ୧୫/୦୭ (ନି.ପ୍ର): ବେତନଟୀ ରେଞ୍ଜ ମୋରଡା ବ୍ଲକ ଅଧୀନ ଦୁର୍ଗାପୁର ଜଙ୍ଗଲରେ ରବିବାର ପ୍ରବେଶ କରିଛନ୍ତି ୨୯ଟିକିଆ ଝାଡ଼ଖଣ୍ଡି ହାତୀପଲ। ଯାହାଫଳରେ ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଭାଲୁକଚୁଆ ଗ୍ରାମରେ ଚାଷିମାନଙ୍କ ବିଲରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ଗ୍ରାମର ଗାଲୁ ମୁର୍ମୁ, ସିଲୁ ମୁର୍ମୁ, ସିଙ୍ଗରାୟ ମୁର୍ମୁ, ଆର୍ଶୁ ମୁର୍ମୁ, କରେ ମୁର୍ମୁ ପ୍ରମୁଖ ବିଲରେ ତଳି ପକାଇଥିବା ବେଳେ ହାତୀ ମାଡ଼ି ଦଳି ସେସବୁକୁ ନଷ୍ଟ କରିଦେଇଥିବା ଅଭିଯୋଗ ଆଣିଛନ୍ତି। ଏହି କ୍ଷତି ଗରିବ ଚାଷିର ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି। ବନ ବିଭାଗ ପକ୍ଷରୁ ହାତୀ ମାନଙ୍କ ଚଲାପଥରେ ପ୍ରତିବନ୍ଧକ ନହେବାକୁ ସଚେତନ କରାଯାଉଥିବା ବେଳେ ବର୍ଷ ତମାମ ହାତୀ ଉପଦ୍ରବରେ ଅତିଷ୍ଠ ହୋଇ ସାରିଲେଣି ଲୋକେ। ଜଙ୍ଗଲ ସଂଲଗ୍ନ ଗ୍ରାମମାନଙ୍କରେ ରାତି ହେଲେ ଭୟର ବାତାବରଣ ଖେଳିଯାଉଛି। ତେଣୁ କ୍ଷତିଗ୍ରସ୍ତ ଚାଷିଙ୍କୁ ତୁରନ୍ତ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା ସହ ହାତୀ ଦାଉରୁ କେବେ ନିସ୍ତାର ମିଳିବ ସେ ନେଇ ନାନା ଆଶା ଆଶଙ୍କା ଦେଇ ଗତି କରୁଛି ସାଧାରଣ ଜନଜୀବନ।

# ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ, ୧୫/୦୭ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ଜିଲ୍ଲା ସଦର ମହକୁମା ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଚଂଚଳ ରାଣା ଅଧକ୍ଷତା କରିବା ସହ ଅଭିଯୋଗକାରୀଙ୍କ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ। ବିଭିନ୍ନ ଅଧିକାରୀ ମାନଙ୍କ ପାଖକୁ ଯାଉଥିବା ଆବେଦନ ଗୁଡିକୁ ଅଗ୍ରାଧିକାର ଭିତିରେ ଆଇନ ଅନୁଯାୟୀ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମୋଟ ୯୦ ଅଭିଯୋଗ ମିଳିଥିଲା। ସେଥିରୁ ୬୫ ଟି ବ୍ୟକ୍ତିଗତ, ୨୦ଟି ଗ୍ରାମ୍ୟ ଅଭିଯୋଗ ସମ୍ପର୍କିତ, ୪ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ, ୧ ଟି ରେଡକ୍ରସ ରୁ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ୨ଗୋଟି ଅଭିଯୋଗ ର ସମାଧାନ ହୋଇଥିଲା।

ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ ପି ସୌମ୍ୟ ରଞ୍ଜନ ମଲ୍ଲିକ, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ତହସିଲଦାର ଅଭିଷେକ ଦାଶ, ଅଭିଯୋଗ ଶୁଣାଣୀ ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ବାସୁଦେବପୁର କଂଗ୍ରେସ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ବାସୁଦେବପୁର, ୧୫/୦୭ (ନି.ପ୍ର): ବାସୁଦେବପୁର କଂଗ୍ରେସ କମିଟି ପକ୍ଷରୁ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଙ୍କ ବାସ ଭବନ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଅମୀୟ ମହାପାତ୍ର, ତିହିଡି ବ୍ଲକ କଂଗ୍ରେସ କମିଟି ସଭାପତି ସରୋଜ କୁମାର ଦାସ, ପ୍ରଭାତ ବାରିକ୍, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁବ୍ରତ ବେହୁରା, ସିଦ୍ଧାନ୍ତ ଦାସ, ରମେଶ ଚନ୍ଦ୍ର ଚଣ୍ଡ, ଅକ୍ଷୟ ବାରିକ୍, ନିତ୍ୟାନନ୍ଦ ବାରିକ୍, ଜଗବନ୍ଧୁ ନାୟକ, ହିରଣ୍ୟ କୁମାର ବାରିକ୍, ବୁଦ୍ଧିରାମ୍ ସେଠି, ପ୍ରଶାନ୍ତ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୭ ତାରିଖ ଓଡ଼ିଶା ବନ୍ଦ ଡାକରା ଦିଆ ଯାଇଛି। ଏହି ବନ୍ଦ ପାଳନ କାର୍ଯ୍ୟକ୍ରମକୁ କିପରି ସଫଳ କରାଯିବ ଓ ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାରେ ତୁରନ୍ତ କିପରି ନ୍ୟାୟ ମିଳିବ ସେ ସମ୍ପର୍କରେ ବିଧାୟକ ଅଶୋକ କୁମାର ଦାସ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଥିଲେ। ଓଡ଼ିଶାର ବିଜେପି ସରକାର ରେ ନାରୀ ମାନଙ୍କୁ ଉଚିତ୍ ସମ୍ମାନ ମିଳୁନାହିଁ ଏବଂ ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଉଚିତ୍ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ।

# ବ୍ରଜେନ୍ଦ୍ର ମହାନ୍ତି ବେତନଟୀ ଜେଏମଏଫସି କୋର୍ଟର ନୂତନ ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର



ବେତନଟୀ, ୧୫/୦୭ (ନି.ପ୍ର): ବେତନଟୀ ଜେଏମଏଫସି କୋର୍ଟରେ କ୍ୟାଡର ଏପିପି ନିହାର ରଞ୍ଜନ ଜେନାଙ୍କର ପଦତିଭିତ୍ତିକ ବଦଳି ପରେ ତାଙ୍କ ସ୍ଥାନରେ ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ ଦାୟୀତ୍ୱ ଗ୍ରହଣକଲେ ବରିଷ୍ଠ ଆଇନଜୀବୀ ବ୍ରଜେନ୍ଦ୍ର କୁମାର ମହାନ୍ତି। ବେତନଟୀ ଜେଏମଏଫସି କୋର୍ଟରେ ଦୀର୍ଘବର୍ଷଧରି କ୍ୟାଡର ଏପିପି ଭାବେ କାର୍ଯ୍ୟରତ ନିହାର ରଞ୍ଜନ ଜେନାଙ୍କର ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ ପଦତି ନେଇ ଓଡିଶା ସରକାରଙ୍କର ଗୃହବିଭାଗ ପକ୍ଷରୁ ବିଧିବଦ୍ଧ ତାଲିକା ପ୍ରକାଶ ପାଇଥିଲା। ଓପିଏସସି-୧ ବ୍ୟାଙ୍କକୁ ପଦତି ମିଳିବା ପରେ ତାଙ୍କର ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଏଡିଜେ କୋର୍ଟକୁ ବଦଳି ହୋଇଛି। ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ ଶ୍ରୀଯୁକ୍ତଜେନାଙ୍କର ବଦଳି ପରେ ବେତନଟୀ ଜେଏମଏଫସି କୋର୍ଟରେ ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର ଭଅବେ ବ୍ରଜେନ୍ଦ୍ର କୁମାର ମହାନ୍ତି ଦାୟୀତ୍ୱ ଭାର ଗ୍ରହଣ କରିଛନ୍ତି। ବେତନଟୀ କୋର୍ଟରେ ଦାୟୀତ୍ୱ ଗ୍ରହଣପରେ ବିଭିନ୍ନ ମହଲରୁ ଶ୍ରୀଯୁକ୍ତମହାନ୍ତିଙ୍କ ନିକଟକୁ ଛୁଟିଛି ଶୁଭେଚ୍ଛାର ସୁଅ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି: ଛାତ୍ର କଂଗ୍ରେସର ପାରାଦୀପ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ପାରାଦୀପ, ୧୫/୦୭ (ନି.ପ୍ର): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣା ଏବେ ସାର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଏଭଳି ଆତ୍ମହୁତି ଘଟଣାକୁ ସାଢେ ୪ କୋଟି ଜନତା ନିନ୍ଦା କରିଛନ୍ତି। ତେବେ ଏଭଳି ଘଟଣାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ଆଜି ପ୍ରତ୍ୟକ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନ କରିଛନ୍ତି। ଏନେଇ ଆଜି ପାରାଦୀପ କଲେଜ ସମ୍ମୁଖରେ ଏହି ଘଟଣାକୁ ପ୍ରତିବାଦ କରି ଛାତ୍ର କଂଗ୍ରେସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ଘଟଣା ପଛରେ ସଂପୃକ୍ତି ଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ ଛାତ୍ର ନେତାମାନେ। ନ୍ୟାୟ ପାଇଁ ସୌମ୍ୟାଶ୍ରୀ ବାରମ୍ବାର ନିବେଦନ କରିଥିଲେବି କେହି ତାଙ୍କ କଥା ଶୁଣି ନଥିଲେ ଏଥିରେ ହତୋତ୍ସାହିତ ହୋଇ ସୌମ୍ୟାଶ୍ରୀ ଆତ୍ମାହୂତି ଦେଇଥିଲେ। ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିଥିଲେ ଛାତ୍ର କଂଗ୍ରେସ୍ ରାଜ୍ୟ ସମ୍ପାଦକ ସୌମ୍ୟରଂଜନ ରାଉତ ଓ ରଶ୍ମିରଂଜନ ପରିଡା। ଏଥି ସହିତ ସେମାନଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସ୍ ନେତା ରାକେଶ ମହାପାତ୍ର, ଜନ୍ମେଜୟ ମଲ୍ଲିକ, ଅଦିତ୍ୟ ପ୍ରସାଦ ମଲ୍ଲିକ, ଆଦିତ୍ୟ ପାତ୍ର, ସମୀର ବାରିକ, ଟୁନା ବାରିକ, ସତ୍ୟଜିତ ପାତ୍ର, ସ୍ମୃତିରଂଜନ, ସୁବ୍ରତ ବେହେରା, ପ୍ରକାଶ ଜେନା ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଏହି ଅବସରରେ ଛାତ୍ରମାନଙ୍କ ଏକ ଶୋଭାଯାତ୍ରା ବନ୍ଦର ସହର ପରିକ୍ରମା କରି କଲେଜ ପର୍ଯ୍ୟନ୍ତ ଯାଇଥିଲା। ସରକାର ଟାଳଟୁଳ ନିତି ବନ୍ଦ କରି ତୁରନ୍ତ ମୃତା ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେଲେ ତାଙ୍କ ଆତ୍ମାର ସଦଗତି ହେବ ବୋଲି ଛାତ୍ରନେତାମାନେ କହିଥିଲେ। ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀଙ୍କର ତୁରନ୍ତ ଇସ୍ତଫା ଦାବୀ କରିଥିଲେ।

# ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଛାତ୍ରୀ ଆତ୍ମହତ୍ୟା ପାଇଁ ବିକ୍ଷୋଭ




ବାସୁଦେବପୁର, ୧୫/୦୭ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ଗେଟ୍ ପାଖରେ ଆଜି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଙ୍କ ଆତ୍ମହତ୍ୟା ପ୍ରସଙ୍ଗ କୁ ନେଇ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିବାଦ ସଭାରେ ବିଜୁ ଯୁବ ଛାତ୍ର ଜନତା ଦଳର ସଭାପତି କାଳନ୍ଦୀ ସାହୁ, ଗୌର କୃଷ୍ଣ ମହାକୁଡ଼, ସତ୍ୟ ନାୟକ, ପ୍ରିୟ ରଞ୍ଜନ ବାରିକ, ତନ୍ମୟ ବାରିକ, ସଂଗୀତା ମହାକୁଡ଼, ବର୍ଷା ମାଝି, ରଶ୍ମି ଲତା ମହାକୁଡ଼, ପୂଜା ବାରିକ ପ୍ରମୁଖ ଯୋଗ ଦେଇଥିଲେ ଓ ବିଜେପି ସରକାରକୁ ସମାଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ୍ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ଜଗବନ୍ଧୁ ଖିଲାର, ମାନସ ସାହୁ, ଶଶି ଭୂଷଣ ବାରିକ୍, ତାପସ ମହାନ୍ତି, ଚନ୍ଦନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ନାରୀ ନିର୍ଯାତନା ଚଳିବ ନାହିଁ ଓ ବିଜେପି ସରକାର ଡାଉନ୍ ଡାଉନ୍ ସ୍ଲୋଗାନ ଦେଇ ଛାତ୍ର ଛାତ୍ରୀ ମାନେ ଆଗେଇ ଚାଲିଥିଲେ। ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଙ୍କ କୁଶ ପୁତଳିକା ଦାହ କରାଯାଇଥିଲା। ଶେଷରେ ବାସୁଦେବପୁର ତହସିଲଦାରଙ୍କୁ ଛାତ୍ରୀଙ୍କ ନ୍ୟାୟ ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସମସ୍ତେ ଦାବି ପତ୍ର ପ୍ରଦାନ କରିଥିଲେ।

# ଡ଼େଙ୍ଗୁ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୫/୦୭ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଡ଼େଙ୍ଗୁ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ବର୍ଷା ଦିନ ଆରମ୍ଭରେ ଡ଼େଙ୍ଗୁ ବା ଦଣ୍ଡାପତାନକ ନହେବା ପାଇଁ ସଚେତନ କରି କହିଲେ ମଶା ଡେଙ୍ଗୁର କାରଣ, ମଶା ନବଢ଼ିବା ପାଇଁ ଘର ଚାରିପାଖରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ। ମଶାରୀ ଟାଙ୍ଗୀ କିମ୍ବା ନିମ୍ବ ତେଲ ଲଗାଇ ଶୁଅନ୍ତୁ। ପ୍ରତିଷେଧ ପାଇଁ କଂଟା ମାରିଶ ମୂଳ ତିନି ଗ୍ରାମ ସକାଳୁ ସାତ ଦିନ ଖାଆନ୍ତୁ।

# ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ସାମୟିକ ଭାବେ କେନ୍ଦୁଝର ଜିଲ୍ଲାରେ ସ୍ଥଗିତ

କେନ୍ଦୁଝର, ୧୫/୦୭ (ନି.ପ୍ର): ରାଜ୍ୟ ରାଜସ୍ୱ ଅମଲା ସଂଘର କୋର କମିଟି ବୈଠକ ଭୁବନେଶ୍ୱର ବ୍ଲକ କନଫେରେନସ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ସଂଘର ସଭାପତି ଓ ସାଧାରଣ ସଂପାଦକଙ୍କ ସହିତ ୩୦ ଗୋଟି ଜିଲ୍ଲାର ଜିଲ୍ଲା ସଭାପତି, ସଂପାଦକଙ୍କ ସମେତ ରାଜ୍ୟ ସଂଘର ସମସ୍ତ କର୍ମକର୍ତାମାନେ ଯୋଗଦାନ କରିଥିଲେ।

ବୈଠକରେ ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ ଏବଂ ୧୪ ତାରିଖ ଠାରୁ କଲମଛାଡ ଆନ୍ଦୋଳନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯିବା ସହିତ ଗତ ୦୯/୦୭/୨୦୨୫ ରିଖ ସଂଘର ନେତୃତ୍ୱ, ରାଜସ୍ୱମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କ ସହିତ ଆଲୋଚନାର ବିଷୟବସ୍ତୁ ଉପରେ ବିସୃତଭାବେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ଦାବୀପୁରଣ ପ୍ରତି ଶତପ୍ରତିଶତ ଚେଷ୍ଟିତ ଅଛନ୍ତି ଏବଂ ସରକାର ୧୫ ଦିନ ସମୟ ମହଲତ ଚାହୁଁଥିବାରୁ ସର୍ବସମ୍ମତି କ୍ରମେ ବୈଠକରେ ନିଷ୍ପତ୍ତି ନିଆଗଲା କି ପୁର୍ବନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ତା ୧୪/୦୭/୨୦୨୫ ରିଖରେ ହେବାକୁ ଥିବା ସମୁହ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଆସନ୍ତା ତା ୦୮/୦୮/୨୦୨୫ ରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା। ଏହି ସମୟ ଅବଧି ମଧ୍ୟରେ ରାଜ୍ୟ ସରକାର ଯଦି ଦାବି ପୁରଣ ନ କରନ୍ତି ତେବେ ଆସନ୍ତା ତା ୧୧/୦୮/୨୦୨୫ ରିଖ ଠାରୁ ପୁନର୍ବାର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ରାଜ୍ୟ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସନ୍ତୋଷ କୁମାର ରଣା, ଗୌରାଙ୍ଗ ଚରଣ ଜେନା, ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର, ଜିଲ୍ଲା ସଂଘର ଉପଦେଷ୍ଟା ବିଚିତ୍ରାନନ୍ଦ ରାଉତ, ଭୁବନେଶ୍ୱର ମହାପାତ୍ରଙ୍କ ସମେତ ଅନ୍ୟ ସହକର୍ମ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ଆଜି ଏହି ଆନ୍ଦୋଳନ ଜିଲ୍ଲାରେ ସ୍ଥଗିତ ନେଇ ଜିଲ୍ଲା ସଭାପତି ଜିତେନ୍ଦ୍ର ମହାପାତ୍ର ଜଣାଇଛନ୍ତି।

# ଆଂଚଳିକ କ୍ରୀଡାରେ କେନ୍ଦ୍ରାପଡା କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

କେନ୍ଦ୍ରାପଡ଼ା, ୧୫/୦୭ (ନି.ପ୍ର): କେନ୍ଦ୍ରାପଡ଼ା ବାରିମୁଳ ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ସମ୍ଭାଗର ଆଂଚଳିକ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ବିଭିନ୍ନ ଖେଳରେ ସଫଳତା ଆଣିଛନ୍ତି। ରାଉରକେଲା ବର୍ସାମୁଣ୍ଡା ଷ୍ଟାଡିୟମରେ ଜୁଲାଇ ୮ତାରିଖରୁ ୧୦ତାରିଖ ମଧ୍ୟରେ ୫୪ତମ ଆ ଳିକ କ୍ରୀଡା ଅନୁଷ୍ଠିତ ହୋଯାଇଛି। ଭୁବନେଶ୍ୱର ସମ୍ଭାଗର ଆ ଳିକ କ୍ଷେତ୍ରରେ ପ୍ରାୟ ୪୧ଟି ଦଳ ଭାଗନେଇଥିଲେ। ଏହି କ୍ରିଡାରେ କେନ୍ଦ୍ରାପଡା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରିଡାରେ ସଫଳତା ହାସଲ କରି ୩ଟି ମେଡାଲ ଆଣି ଗୌରବ ଅର୍ଜନ କରିଛନ୍ତି। କେନ୍ଦ୍ରାପଡା ପିଏମଶ୍ରୀ ବିଦ୍ୟାଳୟର ୧୭ବର୍ଷ ବାଳିକା ବିଭାଗ ମଧ୍ୟରେ ଅନୁଷ୍ଠିତ ଖେଳରେ ୪୦୦ମିଟର ଦୌଡରେ ଶୁଭଲକ୍ଷ୍ମୀ ଧଳ ବ୍ରୋଞ୍ଜ ପଦକ, ୧୯ବର୍ଷ ମଧ୍ୟରେ ବାଳିକା ବିଭାଗର ସଟଫୁଟରେ ଅଭିଲିପ୍ସା ରାମ ସ୍ୱର୍ଣ୍ଣ ପଦକ ଓ ଡିସ୍କସ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ।

# ଗୁରୁକୁଳରେ ଅସହାୟ ପିଲାମାନଙ୍କୁ ସାହାଯ୍ୟ କଲେ ଏସଡିପିଓ ମାନସ କୁମାର ଦେଓ



ବସ୍ତା, ୧୫/୦୭ (ନି.ପ୍ର): କଥାରେ ଅଛି ' ମାନବ ସେବା ହିଁ ମାଧବ ସେବା ' ଏହି ଉକ୍ତି କୁ ନିଜର କର୍ମମୟ ଜୀବନରେ ସାର୍ଥକ କରିଛନ୍ତି ବସ୍ତା ଏସଡିପିଓ ଆଦରଣୀୟ ମାନସ କୁମାର ଦେଓ। ସଦର ବ୍ଲକ୍ ଅନ୍ତର୍ଗତ ରୂପସା ଥାନା ଅଧୀନରେ ଥିବା ପିଞ୍ଛାବଣିଆଁ ବୈଦିକ ଗୁରୁକୁଳ ଆଶ୍ରମରେ ରହି ନିଜର ଭବିଷ୍ୟତ ଗଢୁଥିବା ଗରିବ ଅସହାୟ ପିଲାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏସଡିପିଓ ମାନସ କୁମାର ଦେଓ ଗୁରୁକୁଳରେ ପହଞ୍ଚି କିଛି ସମୟ ପିଲାମାନଙ୍କ ସହିତ ନିଜର ଭାବ ବିନିମୟ କରି ପିଲାମାନଙ୍କ ପାଇଁ ଗୋଟିଏ ମାସର ରାସନ୍ ସାମଗ୍ରୀ ପ୍ରଦାନ କରିଥିଲେ। ପରେ ପରେ ଅନ୍ୟତମ ଅତିଥି ଭାବେ ଗୁରୁକୁଳରେ ପଦାର୍ପଣ କରିଥିବା ବିଶିଷ୍ଟ ସମାଜସେବୀ ପ୍ରକୃତି ବନ୍ଧୁ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଙ୍କ ସହ ଗୁରୁକୁଳ ପରିସରରେ ପର୍ଯ୍ୟାବରଣର ସୁରକ୍ଷା ପାଇଁ ବୃକ୍ଷ ରୋପଣ କରି ପିଲାମାନଙ୍କୁ ପରିବେଶର ସୁରକ୍ଷା ବିଷୟରେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁକୁଳର ଉପସଭାପତି ଶ୍ରୀ ଅନନ୍ତ କୁମାର ସାହୁ, କୋଷାଧକ୍ଷ ଶ୍ରୀ ଅକ୍ଷୟ କୁମାର ମିଶ୍ର, ଓଡ଼ିଶା ରିଲ୍ସ ଭାଇରାଲ ମ୍ୟାନ୍ ପୁର୍ଣ୍ଣ ଦାଦା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ମହତ ସେବା କାର୍ଯ୍ୟ ପାଇଁ ଗୁରୁକୁଳ ତରଫରୁ ପ୍ରଧାନ ଆଚାର୍ଯ୍ୟ ତଥା ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଓ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ପ୍ରମିଳା ଦେବୀ ଝଉଡଙ୍ଗ ଶ୍ରୀଯୁକ୍ତ ମାନସ କୁମାର ଦେଓଙ୍କୁ ଉତ୍ତରୀୟ ସହ ' ମହର୍ଷି ଦୟାନନ୍ଦ ଙ୍କ ଜୀବନି ' ପୁସ୍ତକ ଉପହାର ରୂପରେ ପ୍ରଦାନ କରି ସମ୍ମାନିତ କରିବାସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ୪ ତମ ସୋନପୁର ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ସୁବର୍ଣ୍ଣପୁର, ୧୫/୦୭ (ନି.ପ୍ର): ୪ ତମ ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା -୨୦୨୫ ରାମେଶ୍ୱର ଷ୍ଟାଡିୟମ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ସନ୍ତରଣଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସନ୍ତରଣକରୀ ମାନେ ଉଭୟ ଜୁନିଅର ଓ ସବ ଜୁନିଅର ବିଭାଗ ନିମନ୍ତେ ଆଗାମୀ ରାଜ୍ୟରେ ହେବାକୁ ଥିବା ସନ୍ତରଣ ପ୍ରତିଯୋଗିତା ପାଇଁ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତା ରେ ୧୦୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୭୦ ଜଣ ପୁଅ ଓ ୩୫ ଜଣ ଝିଅ ଅଂଶ ଗ୍ରହଣ କରିଥିଲା ବେଳେ ଶେଷରେ କୃତି କୃତି ସନ୍ତରଣକାରୀ ମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରାଯାଇଥିଲା।

ଏହି ପ୍ରତିଯୋଗିତାକୁ ଜିଲ୍ଲା ସନ୍ତରଣ ସଂଘ ସଭାପତି ଜୟନାରାୟଣ ମେଣ୍ଡିଲୀଙ୍କ ଉପସ୍ଥିତିରେ ଏବଂ ସନ୍ତରଣଗାରର ମୁଖ୍ୟ କୋଚ ସଞ୍ଜୟ କୁମାର ପାଣ୍ଡେ ସହକୋଚ ନିମାଇଁ ଚରଣ ବାଘ, ଦିଗାମ୍ବର ଶତପଥୀ, ବିଦ୍ୟାଧର ମିଶ୍ର, ବିଶ୍ୱ ରଞ୍ଜନ ଦଳାଇ, ପ୍ରକାଶ ମେହେର, ମନୋରଞ୍ଜନ ମିଶ୍ର, ଭକ୍ତି ରଞ୍ଜନ ଦଳାଇ, ସ୍ୱର୍ଣ୍ଣପ୍ରଭା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଲେଖକର ସାହସ ଥିଲେ ଉତ୍କୃଷ୍ଟ ଲେଖାଟିଏ ଜନ୍ମ ନିଏ: ଟାଇମପାସ୍ ପୁସ୍ତକ ପର୍ବରେ ଚାରି ପୁସ୍ତକ ଲୋକାର୍ପିତ

ଭଦ୍ରକ, ୧୫/୦୭ (ନି.ପ୍ର): ବହିର ନିଜସ୍ୱ ପ୍ରାଣ ଥାଏ, ଯାହା ଅନେକ ସମୟରେ ଉଚ୍ଚାଟ କରିଦିଏ। ବହିକୁ ହାତରେ ଧରି ବା ଛାତିରେ ଜାକି ଚାଲିବାର ଗୋଟେ ଦର୍ପ ଥାଏ। ଲେଖକର ସାହସ ଥିଲେ ଉତ୍କୃଷ୍ଟ ଲେଖାଟିଏ ଜନ୍ମ ନିଏ ବୋଲି ଟାଇମପାସ୍ ପୁସ୍ତକପର୍ବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବର୍ଷାସ୍ନାତ ସଂଜରେ ଓଡ଼ିଶାର ସ୍ୱନାମଧନ୍ୟ ପ୍ରକାଶନ ସଂସ୍ଥା ଟାଇମପାସ୍ ପକ୍ଷରୁ ସ୍ଥାନୀୟ ଭାଗବତ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ଏହି ମନୋଜ୍ଞ ଆସରରେ ସନ୍ତୋଷ କୁମାର ପାଣିଙ୍କ କବିତା ସଂକଳନ 'ହେ ଈଶ୍ୱର', ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଲଳିତଗଦ୍ୟ ସଂକଳନ 'ମନକୁ ଆସିଲା ଯାହା', ମାନସ ପଢ଼ିଆରୀଙ୍କ ଅଣୁଗଳ୍ପ ସଂକଳନ 'ଅଦେଖା ଦାଗ' ତଥା ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଅନୁସୃଜିତ ପୁସ୍ତକ 'ଏ ସ୍କାର ଅନ୍‌ସିନ୍' ଲୋକାର୍ପିତ ହୋଇଥିଲା। ସୁଖ୍ୟାତ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ କଥାକାର ତଥା ପୂର୍ବତନ ପ୍ରଶାସକ ସହଦେବ ସାହୁ ମୁଖ୍ୟଅତିଥି ଏବଂ ବରିଷ୍ଠ ସାହିତ୍ୟିକ ବାସୁଦେବ ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଲୋକାର୍ପିତ ପୁସ୍ତକ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଶିଶୁସାହିତ୍ୟିକ ଗୌତମ ମହାରଣା ଯୋଗଦେଇ ସନ୍ତୋଷ କୁମାର ପାଣିଙ୍କ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ଆଇନଲେଖକ ବିଭୁପ୍ରସାଦ ତ୍ରିପାଠୀ, ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ପୁସ୍ତକ ସମ୍ପର୍କରେ ନିଜସ୍ୱ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଲେଖକଗଣ ନିଜନିଜ ପୁସ୍ତକ ସମ୍ପର୍କରେ ବ୍ୟକ୍ତିଗତ ଅନୁଭୂତି ଓ ଅଭିଜ୍ଞତା ବଖାଣି ଥିଲେ। ଅତିଥିଙ୍କୁ ମୟୂରଚନ୍ଦ୍ରିକା ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରାଯାଇଥିଲା ବେଳେ ସେମାନଂକୁ ସ୍ମୃତିସନ୍ତକ ପ୍ରଦାନ କରିଥିଲେ ବସନ୍ତ ମୁଦୁଲି ସ୍ମୃତି ସଂସଦର ସଂଯୋଜକ ସାହିତ୍ୟନୁରାଗୀ ଅରୁଣ ଖିଲାର। ଅତିଥିଗଣ ଆନୁଷ୍ଠାନିକ ଭାବେ ନଡ଼ିଆ ଫଟେଇ ଉତ୍ସବ ଉଦଘାଟନ କରିବା ପରେ ପୁସ୍ତକ ଲୋକାର୍ପଣ ପର୍ବ ଆରମ୍ଭ ହୋଇଥିଲା। ଏହି ଅବସରେ ସମ୍ପୂର୍ଣ୍ଣ ରୂପେ କୃତ୍ରିମ ବୁଦ୍ଧିମତା ଦ୍ୱାରା ପ୍ରସ୍ତୁତ କବି ସୁଚିତ୍ରା ପାଣିଗ୍ରାହୀଙ୍କ ସଙ୍ଗୀତ ସିଡି 'ମନ ମୂର୍ଚ୍ଛନା' ଲୋକାର୍ପିତ ହୋଇଥିଲା। ଉତ୍ସବ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ସଂଭାଷଣ ପ୍ରଦାନ କରିଥିଲେ କବି କିଶୋର ପାଣିଗ୍ରାହୀ। ଲେଖକ ତଥା ଟାଇମପାସର ପ୍ରକାଶକ ସରୋଜ ବଳ ଉତ୍ସବ ସଂଚାଳନ କରିଥିଲାବେଳେ ଶେଷସ୍ୱର୍ଶ ଦେଇଥିଲେ ରୂପକ ବିହାରୀ ରାୟ। ଭଦ୍ରକ ଅଂଚଳର ବହୁ ବିଶିଷ୍ଟ ଲେଖକ ତଥା ସାହିତ୍ୟ ଅନୁରାଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସର୍ବଦା ସେ ଆମ ପାଖରେ...

ଡକ୍ଟର ସୁରେଶ କୁମାର ନାୟକ

ସତରେ ଆମ ଭଗବାନ, ଗୁରୁ, ଇଷ୍ଟ ବା ଆଧାତ୍ମିକ ମାର୍ଗ ଦର୍ଶକମାନେ କ'ଣ ସଦାସର୍ବଦା ଆମ ପାଖରେ ଦିବ୍ୟ ଉପସ୍ଥିତିକୁ ହୃଦୟ ଭିତରେ ବିରାଜିତ ହୋଇ ଦିଗଦର୍ଶନ ଦେଇଥାନ୍ତି ? ଏହିପରି ଅନେକ ପ୍ରଶ୍ନ ଅନେକଙ୍କ ଭିତରେ ଉଠିବା ସ୍ୱାଭାବିକ। ସତ୍ୟ ଯୁଗରେ ଅଧିକାଂଶ ଲୋକ ଆଧାତ୍ମିକ ଜୀବନକୁ ପ୍ରକୃତ ଜୀବନ ରୂପେ ଗ୍ରହଣ କରୁଥିଲେ। ଏବଂ ସାଂସାରିକ ଜୀବନଚର୍ଯ୍ୟା ତାଙ୍କ ପ୍ରତି ବିଶେଷ ଗୁରୁତ୍ୱ ନଥିଲା। ସେମାନଙ୍କର ହୃଦବୋଧ ଥିଲା ଯେ ଏହା କ୍ଷଣସ୍ଥାୟୀ, ମାୟାପୂର୍ଣ୍ଣ ଓ ଯନ୍ତ୍ରଣାଦାୟକ, ମହାନ ଋଷିମାନେ ସେ ସମୟର ଈଶ୍ୱରାନୁଭୂତି ଲାଭ କରିଥିବାରୁ ପ୍ରତ୍ୟେକ ଲୋକଙ୍କର ଆଧାତ୍ମିକ ବିବର୍ତ୍ତନ ଓ ସଦ ଜୀବନ ନିମନ୍ତେ ପ୍ରଣୀତ ନୀତି ଓ ଶୃଙ୍ଖଳା ଆଧାରିତ ଏକ ସାମାଜିକ ବ୍ୟବସ୍ଥା ପ୍ରଣୟନ କଲେ। ଗୁରୁଦେବ ପରମହଂସ ପ୍ରଜ୍ଞାନନନ୍ଦଙ୍କ ଶିକ୍ଷା ଜୀବନୀକୁ ଅନୁଶୀଳନ କଲେ। ସେ ପ୍ରଦାନ କରିଥିବା ଦିଗଦର୍ଶନ ଓ ଜୀବନ ଚିନ୍ତନର ପରାମର୍ଶକୁ ଯଥାର୍ଥ ଦୃଷ୍ଟିରେ ଅନୁସରଣ କରାଗଲେ ସାମ୍ପ୍ରତିକ ବିଶ୍ୱରେ ଆଧାତ୍ମିକ ବିବର୍ତ୍ତନ ନିମନ୍ତେ ସବୁଠାରୁ ସହଜ ମାର୍ଗ ବୋଲି ମନେହୁଏ। ହିନ୍ଦୁ ଧର୍ମଗ୍ରନ୍ଥ ଅନୁସାରେ ସତ୍ୟ ଯୁଗରେ ଆଧାତ୍ମିକ ବିବର୍ତ୍ତନ କାମନା କରୁଥିବା ଅଧିକାଂଶ ଲୋକ ଧ୍ୟାନ ଏବଂ ସଦାଚାର ଜୀବନର ମାର୍ଗ ଅନୁସରଣ କରୁଥିଲେ। ତ୍ରେତୟା ଓ ଦ୍ୱାପର ଯୁଗରେ ଯୋଗ ଓ ଯଜ୍ଞ ଆଧାତ୍ମିକ ବିବର୍ତ୍ତନର ମାର୍ଗ ରୂପେ ପରିଣତ ହେଲା। ସେହି ସମୟରେ ଲୋକମାନେ ଶୁଦ୍ଧପୂତ ଜୀବନ ଯାପନକୁ ଅଗ୍ରାଧିକାର ଦେଇ ମୋକ୍ଷ ଏବଂ ଈଶ୍ୱର ସାକ୍ଷାତକାର ମାର୍ଗରେ ଅଗ୍ରସର ହେଲେ।

ଆମେ ଆମ ନିତିଦିନିଆ ଜାଗତିକ ମହାଚ୍ଛନ୍ନ ସଂସାର ଭିତରେ ଈଶ୍ୱରଙ୍କ ସୃଷ୍ଟିର ସୂକ୍ଷ୍ମତତ୍ତ୍ୱକୁ ବୁଝିବାରେ ସମର୍ଥ ହୋଇପାରୁନାହୁଁ। ଏହି ପୃଷ୍ଠଭୂମିରେ ସବୁଠାରୁ ସରଳ ମାର୍ଗ ହେଉଛି ନାମ ସ୍ମରଣ କିମ୍ବା ଭଗବାନ ଅଥବା ସଦଗୁରୁ ବା ନିଜ ଇଷ୍ଟଙ୍କ ନାମ ନିରବଚ୍ଛିନ୍ନ ଭାବେ ସ୍ମରଣ କରିବା। ପୂର୍ବ ଯୁଗ ମାନଙ୍କରେ ବହୁ ସନ୍ଥ ସାଂସାରିକ ଜୀବନ ମଧ୍ୟରେ ରହି ଈଶ୍ୱରସାକ୍ଷାତକାର କରିଥିବା ଦୃଷ୍ଟାନ୍ତ ରହିଛି। ପ୍ରାଚୀନ ଋଷିଙ୍କ ମଧ୍ୟରେ ଅତ୍ରି, ଗୌତମଙ୍କର ପରିବାର ଥିଲା କିନ୍ତୁ ନୀତିନିଷ୍ଠ ଓ ଅନୁଶୀଳନ ଯୁକ୍ତ କଠୋର ଆଧାତ୍ମିକ ସାଧନା ମାଧ୍ୟମରେ ସେମାନେ ନିଜର ଆଧାତ୍ମିକ ଉନ୍ନତି ଘଟାଇଥିଲେ ମାତ୍ର ଆଜିର ମନୁଷ୍ୟ ସଂସାରର ମାୟା ଜାଲରେ ଏପରି ଛନ୍ଦି ହୋଇଯାଇଛି ଯେ ସେ ଭାବୁଛି କି ଏଥିରୁ ଆଉ ମୁକ୍ତି ପାଇବା ତା ପକ୍ଷରେ ସମ୍ଭବ ନୁହେଁ। ଆଧାତ୍ମିକ ଉନ୍ନତି ନିମିତ୍ତ ମାୟା ଜାଲରୁ ମୁକୁଳି ଏକ ଦିବ୍ୟ ମାର୍ଗ ଅନ୍ୱେଷଣ କରୁଥିଲେ ମଧ୍ୟ ସମସ୍ତେ ଯାବତୀୟ ଜଞ୍ଜାଳରୁ ମୁକ୍ତ ହୋଇପାରୁନାହାଁନ୍ତି। ସମସ୍ତ ପ୍ରକା ବୈଷୟିକ ଓ ବୈଜ୍ଞାନିକ ସୁବିଧାର ଅଧିକାରୀ ହୋଇଥିବା ସତ୍ତ୍ୱେ ଏକ ପ୍ରକାର ହତାଶା, ଶୂନ୍ୟତା, ନୈରାଶ୍ୟ, ଅଭାବବୋଧ ଓ ଅସ୍ଥିରତାର ଜୀବନ ନିର୍ବାହ କରୁଛି। ଗୁରୁଦେବ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜଙ୍କ ଜୀବନ ଚରିତ ଓ ତାଙ୍କ ଦିଗଦର୍ଶନ ଅନୁଶୀଳନ କଲେ ଜଣାଯାଏ ଯେ ପାର୍ଥିବ ଜଞ୍ଜାଳଗ୍ରସ୍ତ ଏପରି ଗୃହୀ ଲୋକଙ୍କୁ ପ୍ରତ୍ୟେକ ଉପଲବ୍ଧି ବା ଅଲିକ୍ଷିତ ଅନୁଭୂତି ମାଧ୍ୟମରେ ସେମାନଙ୍କ ଆଧାତ୍ମିକ ଉନ୍ନତି ନିମିତ୍ତ ସେମାନଙ୍କ ଜୀବନକୁ ଶାନ୍ତିମୟ କରିବା ନିମନ୍ତ ପ୍ରୟାସ କରୁଛନ୍ତି। ଗୁରୁଦେବଙ୍କ ସବୁଠାରୁ ମହତ୍ୱପୂର୍ଣ୍ଣ ଅବଦାନ ହେଉଛି କଳିଯୁଗର ଏହି ଘୂର୍ଣ୍ଣି ବତାସପୂର୍ଣ୍ଣ ତମସାଚ୍ଛନ୍ନ ସାଗର ମଧ୍ୟରେ ଏକ ବତୀଘର ଭଳି ସେ ଦଣ୍ଡାୟମାନ ହୋଇଛନ୍ତି ଏବଂ ତାଙ୍କର ଆଶ୍ରିତ ଶ୍ରଦ୍ଧାଳୁମାନଙ୍କୁ ପ୍ରେମପୂର୍ଣ୍ଣ ଦିବ୍ୟବାଣୀର ଜୀବନ ଚେତନାର ମୂର୍ଚ୍ଛନା ଶୁଣାଇ ତାଙ୍କର ପ୍ରେମପୂର୍ଣ୍ଣ କାରୁଣିକ ହସ୍ତ ସେମାନଙ୍କ ଉପରେ ରଖି ବରାଭୟ ପ୍ରଦାନ କରୁଛନ୍ତି। ଗୁରୁଦେବଙ୍କ ଆହ୍ୱାନ ଓ ଆନନ୍ଦମୟ ଚେତନା ହେଉଛି 'ତୁମ ଗୁରୁଦେବ ଯେତେବେଳେ ତୁମ ସହ ଅଛନ୍ତି ଭୟ କାହିଁ କରୁଛ ?' ସେ ସଂସାରର ଘୂର୍ଣ୍ଣିଳ ମାୟା ଜାଲରେ ହଜି ଯାଇଥିବା ଆଧାତ୍ମିକ ମୁମୁକ୍ଷୁ ମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛନ୍ତି ଯେ 'କଳିଯୁଗର ଏହି କଳୁଷିତ ପୃଥିବୀରେ ନାନା ପରୀକ୍ଷା ଓ ଦୁଃଖକଷ୍ଟ ମଧ୍ୟରେ ତୁମେ ଆଧାତ୍ମିକ ଉନ୍ନତି କରି ଈଶ୍ୱରଙ୍କ ଅନୁଭୂତି ଲାଭ କରିପାରିବ ଏଥିପାଇଁ କଠିନତମ ଯୋଗ, ତପ, ଧ୍ୟାନର ସାଧନା କରିବା ଦରକାର ନାହିଁ। କେବଳ ନିଜ ଇଷ୍ଟ, ନିଜ ଆରାଧ, ନିଜ ଗୁରୁଦେବଙ୍କ ନାମ ସ୍ମରଣ କର, ନିର୍ଗୁଣ ବା ସଗୁଣ ଭାବରେ ଧ୍ୟାନ କରି ଗୁରୁଙ୍କ ଉପଦେଶ ଅନୁସରଣ କରି ସର୍ବଦା ଗୁରୁଦେବ ତୁମ ପାଖରେ ରହିଛନ୍ତି ବୋଲି ଦୃଢ଼ ବିଶ୍ୱାସ କରି ଧୈର୍ଯ୍ୟ ଓ ଶ୍ରଦ୍ଧାର ସହ ତାଙ୍କୁ ତୁମର ସ୍ମୃତିର ମୂଳଭିତ୍ତି କରିଦିଅ।

ଗୁରୁଦେବଙ୍କ ପାବନ ଚେତନା ହେଉଛି ତୁମେ ଏହି ପୃଥିବୀରେ ଯେଉଁ ଗରିବ ଲୋକଟିକୁ ସାହାଯ୍ୟ କରୁଛ ତାହା ଭିତରେ ମୋତେ ଅନୁଭବ କର। ଦୁଃଖ କଷ୍ଟରେ ଜର୍ଜରିତ ଲୋକଟି ପ୍ରତି କରୁଣା ପ୍ରଦର୍ଶନ ବେଳେ, ଋଣରୁ ମୁକ୍ତି ବେଳେ, ଘୃଣା ଓ କ୍ରୋଧ ପରିତ୍ୟାଗ କଲାବେଳେ, ନିଜର ସନ୍ତାନ ମାନଙ୍କର ଯତ୍ନ ନେଲାବେଳେ ପଡ଼ୋଶୀ ମାନଙ୍କ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବେଳେ ତୁମ ଗୁରୁଦେବଙ୍କ ପ୍ରତ୍ୟକ୍ଷ କର। କାହାକୁ ଦେଇଥିବା ପ୍ରତିଶ୍ରୁତି ପୂରଣ କଲାବେଳେ ଲୋଭରୁ ମୁକ୍ତି ବେଳେ, ସମସ୍ତ ଧର୍ମରେ, ସମସ୍ତ ଗୁରୁଙ୍କ ମଧ୍ୟରେ ଏବଂ ତୁମର ଚର୍ତୁପାର୍ଶ୍ୱରେ ଥିବା ସମସ୍ତ ଶୁଦ୍ଧପୂତ ଜିନିଷ ମଧ୍ୟରେ ଗୁରୁଦେବଙ୍କ ଦର୍ଶନ କର।

ଆଜିର ସ୍ୱାସ୍ଥ୍ୟସର୍ବସ୍ୱ ବସ୍ତୁ ସର୍ବସ୍ୱ ଦୁନିଆରେ ଉପର ବର୍ଣ୍ଣିତ ସମସ୍ତ ମାର୍ଗ ପାଳନ ଓ ଅନୁସରଣ କରିବା ସହଜ ନୁହେଁ। କିନ୍ତୁ ସାଧନାର ପଥେ ଅବିଚଳିତ ଭାବେ ଆଗେଇ ଚାଲିବା ପାଇଁ ପଡ଼ିବ। ଗୁରୁଦେବ ଆମର ଉଭୟ ପାପ ଓ ପୁଣ୍ୟ, ଶୁଦ୍ଧତା ଓ ଅଶୁଦ୍ଧତାକୁ ସମାନ ଭାବରେ ଗ୍ରହଣ କରିନେଇଥାନ୍ତି। ତାହାଲେ ଆଜିର ଆହ୍ୱାନ ଭରା ସମୟରେ କାତର ବା କଷ୍ଟଭରା ମୁହୂର୍ତ୍ତରେ ଯେତେ ବାଧାବିଘ୍ନ, ଝଡ଼ଝଞ୍ଜା ଆସୁନା କାହିଁକି ଭୟ କରିବାରେ କ'ଣ ଅଛି ? ଯେତେବେଳେ ଆମ ରକ୍ଷାକର୍ତ୍ତା ଗୁରୁଦେବ ଆମ ସହିତ ଜୀବନୋତ୍ତର ଜୀବନରେ ଅଛନ୍ତି ଏବଂ ତାଙ୍କର ପ୍ରତିଶ୍ରୁତି ରକ୍ଷା କରୁଛନ୍ତି ଆମେ କାହିଁକି ହତାଶ ହେବା ? ଆଶାଶୂନ୍ୟ ଓ ଦୁଃଖ ଯନ୍ତ୍ରଣାରେ ବ୍ୟଥିତ ହେବା। ଆଜିର ଦୁନିଆରେ ହିନ୍ଦୁ ଧର୍ମରେ ବର୍ଣ୍ଣିତ ଚର୍ତୁଃଶ୍ରାମ ପଦ୍ଧତି ଅବଲମ୍ବନ କରିବା କଷ୍ଟକର। ଏହି ଆଶ୍ରମ ଗୁଡ଼ିକ ହେଉଛି ବ୍ରହ୍ମଚର୍ଯ୍ୟା, ଗ୍ରାହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ। ତେଣୁ ଗୁରୁଦେବ ଆମ ମାନଙ୍କୁ ପରିବାର ମଧ୍ୟରେ ରହି ମଧ୍ୟ ଏହି ଚର୍ତୁମାର୍ଗ ଅବଲମ୍ବନ କରିବାର ମାର୍ଗ ଦର୍ଶନ କରିଛନ୍ତି। ଗାର୍ହ୍ୟସ୍ଥ ବା ପାରିବାରିକ ଜୀବନ ଅନ୍ୟତମ କଷ୍ଟକର ଆଶ୍ରମ କିନ୍ତୁ ସାଂସାରିକ ମଣିଷ ହୋଇ ମଧ୍ୟ ଜଣେ ଚାରୋଟି ଯାକ ଆଶ୍ରମର ନିୟମ ଚର୍ଯ୍ୟା ପାଳନ କରିପାରିବ। ଏହି ଆଧାତ୍ମିକ ଅନୁଚିନ୍ତନର ଭାବାର୍ଥଟି ଅତି ସ୍ୱଷ୍ଟ। ଏହି କଳି ଯୁଗରେ ମଧ୍ୟ ଜଣେ ଯଦି ଶ୍ରଦ୍ଧା, ନିଷ୍ଠା, ସମର୍ପଣ, ଆତ୍ମ ନିବେଦନ ସହ ଗୁରୁଙ୍କ ଦ୍ୱାରା ନିରୂପିତ ସୁଗମ ମାର୍ଗ ଗୁଡ଼ିକ ଅନୁସରଣ କରନ୍ତି ତାହାହେଲେ ସାଂସାରିକ ଓ ଜାଗତିକ ଜୀବନରୁ ତାଙ୍କର ସମସ୍ତ ଦୁର୍ଦ୍ଦଶା, ନିରାଶା ଓ ହତାଶା ଦୂର ହୋଇଯାଇ ଆଧାତ୍ମିକ ଚେତନାର ଉନ୍ମିଳନ ଘଟିବ ଓ ଜୀବନ ଆନନ୍ଦମୟ ହୋଇପାରିବ। ସତରେ ଆମ ପୂଜ୍ୟଗୁରୁଦେବ ଆମ ସହିତ ପ୍ରତିଟି ମୁହୂର୍ତ୍ତ ପ୍ରତ୍ୟକ୍ଷତା କରୁଥିବାବେଳେ ତାଙ୍କ ଶାଶ୍ୱତ ସତ୍ୟର ବଜ୍ର ଘୋଷଣା - 'ମୁଁ ଅଛି ଭୟ କାହିଁକି ?' ଏହା ଆମ ପାଇଁ ଯଥେଷ୍ଟ ଜୀବନ ଚେତନାକୁ ଦିବ୍ୟମୟ କରିବା ପାଇଁ।

+ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ,
ମୋ : ୯୪୩୭୨୨୫୫୯୨

# ଧନ୍ୟ କଳିଯୁଗ

ଶ୍ରୀହରିଗୁରୁ ଆଶ୍ରିତ ଅତୀଶ

ଦିନେ ସନ୍ଧ୍ୟା ସସଂଗରେ ନାମଚାର୍ଯ୍ୟ ବାୟା ବାବା ପ୍ରବଚନରେ କହିଲେ କଳିଯୁଗର ଆଗମନରେ ସାଧୁ ଋଷିମାନେ ଆଉ ସଂସାରରେ ସଂସାରୀ ମାନଙ୍କ ସହିତ ରହିବାକୁ ଚାହିଁଲେ ନାହିଁ। ସେମାନେ ଭାବିଲେ ନିବିଡ଼ ଅରଣ୍ୟ ମଧ୍ୟରେ ଯାଇ ତପସ୍ୟା କରିବେ। କଳି ଭାବିଲେ ଯଦି ସାଧୁ ସନ୍ଥ କଳାଇ ଯାନ୍ତି ତେବେ ସଂସାରର ଭାରସାମ୍ୟ ରହିବ ନାହିଁ। କେବଳ ଖଳ ଲୋକଙ୍କୁ ନେଇ କିପରି ରାଜୁତି କରାଯିବ। ଏଣୁ କଳି ମହାରାଜ ମଧ୍ୟ ସାଧୁମାନଙ୍କ ଯିବା ପୂର୍ବରୁ ଜଙ୍ଗଲ ମଧ୍ୟକୁ ଯାଇ ସେଠାରେ ଏକ ସୁନ୍ଦର ମନ୍ଦିର ନିର୍ମାଣ କରି ସେବା ପୂଜା ବ୍ୟବସ୍ଥା କରି ନିଜେ ସାଧୁ ବେଶ ଧାରଣ କରି ବସିଲେ। ସାଧୁମାନେ ଯାଉ ଯାଉ ବାଟରେ ସେହି ମନ୍ଦିର ଦେଖି ବହୁତ ଖୁସି ହେଲେ ଓ ଯିବାକୁ ଚାହିଁଲେ। ସାଧୁ ମାନଙ୍କର ଜଣେ ଗୁରୁ ଥିଲେ ସେମାନେ ତାଙ୍କ ଅନୁମତି ଚାହିଁଲେ ଗୁରୁ କହିଲେ ହଉ ଯାଇ ଦେଖି ଆସ। ଗୁରୁ ଆଜ୍ଞା ପାଇ ଜଣକ ପରେ ଜଣେ ଗଲେ ହେଲେ କେହି ଫେରିଲେ ନାହିଁ। ଶେଷରେ ଗୁରୁ ନିଜେ ଗଲେ। ମନ୍ଦିର ପାଖରେ ପହଞ୍ଚି ଦେଖିଲେ ଜଣେ ଦୀର୍ଘକାୟ ସାଧୁ ବସିଛନ୍ତି। ମୁଣ୍ଡରେ ବିରାଟ ଜଟା ଗୁରୁ ତାଙ୍କୁ ପ୍ରଣାମ କରି ପଚାରିଲେ - ମୋର ଶିଷ୍ୟମାନେ ଏଠାକୁ ଆସିଲେ କିନ୍ତୁ ଫେରିଲେ ନାହିଁ କାହିଁକି ? ସାଧୁ ବେଶଧାରୀ କଳି ମହାରାଜ କହିଲେ ଆପଣ ଶିଷ୍ୟ ମାନଙ୍କୁ ମୁଁ ବନ୍ଦୀ କରି ରଖିଛି। ସେମାନେ ମୋର ପ୍ରଶ୍ନର ଉତ୍ତର ଦେଇ ପାରିଲେ ନାହିଁ। ଆପଣଙ୍କୁ ମଧ୍ୟ ଉତ୍ତର ଦେବାକୁ ହେବ ନଚେତ ମୁଁ ଆପଣଙ୍କୁ ବନ୍ଦୀ କରିବି। ଗୁରୁ ପଚାରିଲେ - ମହାରାଜ ! ଆପଣ ପ୍ରଶ୍ନ ପଚାରନ୍ତୁ ମୁଁ ଉତ୍ତର ଦେବାକୁ ଚେଷ୍ଟା କରିବି। ସାଧୁ ବେଶଧାରୀ କଳି ମହାରାଜ କହିଲେ ଦେଖନ୍ତୁ - ଏଠାରେ ମହାପ୍ରସାଦ ଥୁଆ ହୋଇଛି। ପୁଣି ଦେଖନ୍ତୁ ଆଉ ଟିକିଏ ଦୂରରେ ମାଛ ମାଂସର ତରକାରୀ ଇତ୍ୟାଦି ରଖାଯାଇଛି। ଦେଖନ୍ତୁ ପଥର ଗୁଡ଼ିକ ଧୀରେ ଧୀରେ ଉଡୁଛନ୍ତି କିନ୍ତୁ ତୁଳା ଗୁଡ଼ିକ ଧୀରେ ଧୀରେ ତଳକୁ ଖସୁଛି। ପୁଣି ଦେଖନ୍ତୁ କିଛି ଦୂରରେ ଏକ ସୂତା ଖିଅରେ ଗୋଟିଏ ବିଶାଳ ପର୍ବତ ଝୁଲୁଛି। ଏହି ସବୁର ଅର୍ଥ ବୁଝାଇ ଦେଲେ ଆପଣଙ୍କ ଶିଷ୍ୟ ମାନଙ୍କୁ ମୁଁ ମୁକ୍ତ କରିଦେବି ନଚେତ ଆପଣ ମଧ୍ୟ ବନ୍ଦୀ ହେବେ।ଗୁରୁ ତ ମହାଜ୍ଞାନୀ। ସେ ବୁଝାଇବା ଆରମ୍ଭ କଲେ କହିଲେ ଏହାତ କଳିଯୁଗର ଲକ୍ଷଣ। ମହାପ୍ରସାଦ ହେଉଛି ସାକ୍ଷାତ କୈବଲ୍ୟ ମହାପ୍ରସାଦ ସେବନ କଲେ ଅଶେଷ ପୁଣ୍ୟ ମିଳେ ହେଲେ କଳିଯୁଗରେ ମହାପ୍ରସାଦକୁ କେହି ପଚାରିବେ ନାହିଁ ମାଛ ମାଂସ ଯେଉଁଠି ରନ୍ଧା ହୋଇଥିବା ସେଠାକୁ ଅଧିକ ଲୋକ ଯିବେ ଖାଇବାକୁ। ମାତ୍ର ମହାପ୍ରସାଦକୁ ଦେଖି ନ ଦେଖିଲା ଭଳି ଚାଲିଯିବେ। ଏହି ଉତ୍ତର ଶୁଣି କଳି ମହାରାଜ କହିଲେ ଆପଣଙ୍କ ଉତ୍ତର ମୋର ମନକୁ ପାଇଛି। ଏବେ ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦିଅନ୍ତୁ। ଗୁରୁ କହିଲେ - କାଳିରେ ଖଳ ଲୋକମାନେ ଖୁବ ଉନ୍ନତି କରିବେ ସେମାନେ ସଂସାରରେ ମୁଣ୍ଡ ଟେକି ଚାଲିବେ। ଡରରେ ସାଧୁ ସନ୍ଥମାନେ ମୁଣ୍ଡକୁ ସବୁବେଳେ ତଳକୁ କରି ଚାଲିବେ। ଉଡୁଥିବା ପଥର ଖଳ ଲୋକଙ୍କ ପ୍ରତୀକ ଓ ତୁଳା ହେଉଛି ସାଧୁ ମାନଙ୍କ ପ୍ରତୀକ। ସାଧୁ ବେଶଧାରୀ କଳିଯୁଗ କହିଲେ ଆପଣଙ୍କ ଉତ୍ତରରେ ମୁଁ ଖୁବ ପ୍ରୀତ ଅଛି ଆପଣ ମୋର ତୃତୀୟ ପ୍ରଶ୍ନ ଉତ୍ତର ଦିଅନ୍ତୁ। ଗୁରୁ କହିଲେ - କାଳିରେ ଧର୍ମ ଅତି ସହଜ। ଅଳ୍ପ ଟିକେ ଧର୍ମ କଲେ ତାର ଫଳ ଅଶେଷ। ଏଣୁ କାଳିରେ ସୁତା ଖିଆ ପରି ଧର୍ମ କଲେ ସେ ଗୋଟିଏ ପର୍ବତକୁ ଟେକି ରଖିପାରିବ। ସାଧୁବେଶଧାରୀ କଳି କହିଲେ - ମୁଁ ଆପଣଙ୍କ ଉତ୍ତରରେ ବହୁତ ଖୁସି। ଏହା କହି ନିଜ ପ୍ରକୃତ ରୂପ ଉଦ୍ଘାଟନ କରି ଗୁରୁଙ୍କୁ କୁଣ୍ଢେଇ ପକାଇଲେ କହିଲେ - ଦେଖନ୍ତୁ ଆପଣଙ୍କ ଶିଷ୍ୟ ମାନଙ୍କୁ ଛାଡ଼ି ଦେଉଛି। ଆପଣମାନେ ନିଜ ନିଜ ସ୍ଥାନକୁ ଫେରି ଯାଆନ୍ତୁ। ଡରିବାର କାରଣ କିଛି ନାହିଁ। ଧର୍ମ ଓ ଅଧର୍ମ ଉଭୟ ସଂସାରରେ ରହିବେ। ନାମଚାର୍ଯ୍ୟ ବାୟା ବାବା କହିଲେ ମହାରାଜ ନିଷେଧ କରିଥିବା କର୍ମକୁ ତ୍ୟାଗ କରି କଳିଯୁଗ ଧର୍ମ ଭଗବାନଙ୍କ ଦିବ୍ୟ ନାମ କୀର୍ତ୍ତନ ଭଜନ କରିବା ଦ୍ୱାରା କଳି ମହାରାଜ ତାଙ୍କ ପ୍ରଭାବ ସେହି ବ୍ୟକ୍ତି ଉପରେ ଜାହିର କରିପାରିବେ ନାହିଁ। ତୁଳସୀ ଦାସ ଶ୍ରୀରାମଚରିତ ମାନସରେ କହିଛନ୍ତି - 'କଳିଯୁଗ କେବଳ ନାମ ଆଧାରା ସୁମରି ସୁମରି ନର ଉତରହି ପୁରା'। ନିତାଇଗୌର ହରି ବୋଲ।

ଦୂରଭାଷ : ୬୩୭୧୫୮୦୫୨୪

# ପୂର୍ବୋଦୟ ଓଡ଼ିଶା ଓ ଲୋକଙ୍କ ସରକାର

ଇନ୍ଦୁ ଭୂଷଣ ଭୂୟାଁ

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶାସନରେ ପୂର୍ବ ଭାରତକୁ ପ୍ରାଥମିକତା ଦେଇଛନ୍ତି ଏବଂ ଓଡ଼ିଶା ପୂର୍ବ ଭାରତ ବିକାଶର ପ୍ରବେଶ ପଥ ହୋଇଛି। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଏପରି ବେଗବାନ ହୋଇଛି ଯେ ଜାତୀୟ ସ୍ତରରେ ଓଡ଼ିଶା ପ୍ରଗତିରେ ନିଜକୁ ଯଥେଷ୍ଟ ଆଗକୁ ନେଇ ପାରିଛି। ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶାରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ନିଜକୁ ସ୍ୱାବଲମ୍ବୀ ରାସ୍ତାରେ ଆଗେଇ ପାରିଛନ୍ତି। ୨୦୧୪ରୁ ଦେଶରେ ଗାନ୍ଧୀ - ଦୀନଦୟାଲଙ୍କ ଓ ଅନ୍ତୋଦ୍ୟର ଯୋଜନା ଚାଲୁଛି। ମୋଦିଜୀଙ୍କ ଯେଉଁ ସ୍ଲୋଗାନ ରହିଛି 'ସବ୍‌କା ସାଥ, ସବକା ବିକାଶ, ସବକା ପ୍ରୟାସ, ସବକା ବିଶ୍ୱାସ' ତାହା ଓଡ଼ିଶାରେ ଏକ ସଫଳ ବାର୍ତ୍ତା ପହଞ୍ଚାଇନି ଏହାକୁ ସଫଳ ଯୋଜନାରେ ରୂପାୟନ କରିପାରିଛି। ସୁଭଦ୍ରାରେ ଏକ କୋଟିରୁ ଅଧିକ ମହିଳା, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି। ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗରିବ ପରିବାରର ଝିଅ ମାନଙ୍କର ବିବାହକୁ ଯାକଜକମରେ କରିବାର ବ୍ୟବସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀର ବିକାଶ ମାଧ୍ୟମରେ ରାଜ୍ୟର ଅର୍ଥନୀତିକୁ ବଡ଼ କରିବାର ବଡ଼ ଯୋଜନା ତ୍ୱରାନ୍ୱିତ ହୋଇଛି। ୮୦୦ ଟଙ୍କାର ଧାନ ଉପରେ ଇନପୁଟ ସବସିଡି ଦେଇ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ୩୧୦୦ ଟଙ୍କା କରିବା ହେଉଛି ମୋହନ ସରକାରଙ୍କର ବଡ଼ ନିଷ୍ପତ୍ତି। ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦିଜୀ ଯୋଗ ଦେଇ ଶିଳ୍ପପତି ମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଅନୁରୋଧ କରି ସେମାନଙ୍କୁ ଯେଉଁ ମୋଦି ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଲେ ତାହାର ସୁଫଳ ଓଡ଼ିଶାକୁ ମିଳିଛି। ଓଡ଼ିଶାକୁ ପାଖାପାଖି ୧୭ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର ଯୋଜନା ପହଞ୍ଚିଲାଣି। ଓଡ଼ିଶାରେ ଶିଳ୍ପାୟନ ଓ ପୂର୍ବ ଭାରତର ବିକାଶର ପଥ ଆଲୋଚନା କଲାବେଳେ ଆମେ ଓଡ଼ିଶାର ସଫଳ ଓ ଅଭିବୃଦ୍ଧି ସମ୍ପନ୍ନ ତଥା ଶିଳ୍ପାୟନର ଉତ୍କୃଷ୍ଟ କ୍ଷେତ୍ର କୁହାଯାଉଥିବା ଜଗତସିଂହପୁର କଥା ଏଠାରେ ରଖୁଛୁ।

୨୦୩୬ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ଓଡ଼ିଶାର ଡବଲ ଇଞ୍ଜିନ ସରକାର ବାସ୍ତବିକ ଖୁବ କମ ଦିନ ମଧ୍ୟରେ ଓଡ଼ିଶାବାସୀଙ୍କ ବିଶ୍ୱାସ ଓ ହୃଦୟ ଜିତିବାରେ ସମର୍ଥ ହୋଇଛି। ଗୋଟିଏ ବର୍ଷ ତଳେ ମୋହନ ଚରଣ ମାଝୀଙ୍କ 'ଲୋକଙ୍କ ସରକାର' ଯେଉଁ ପ୍ରଥମ କ୍ୟାବିନେଟ ମିଟିଂ କରିଥିଲେ ସେଥିରେ ପ୍ରମୁଖ ନିଷ୍ପତ୍ତି ଥିଲା ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲା ନିଷ୍ପତ୍ତି। ସେହିପରି ମହାପ୍ରଭୁଙ୍କ ପାଇଁ ୫୦୦ କୋଟିର କପସ୍ ଫଣ୍ଡ ସହ ମହିଳା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଓ ଅନ୍ନଦାତା କୃଷକ ଭାଇଭଉଣୀଙ୍କ ପାଇଁ ସବସିଡି ମାଧ୍ୟମରେ ଧାନ କ୍ୱିଣ୍ଟାଲ ଦାମ ୩୧୦୦ ଟଙ୍କାରେ ପହଞ୍ଚିଲା। ଆଜି ଓଡ଼ିଶା ବିକାଶର ଯେଉଁ ଶୀର୍ଷତାରେ ପହଞ୍ଚିଛି ତାହା ଅନ୍ୟ ରାଜ୍ୟ ପାଇଁ ପ୍ରେରଣା ସୃଷ୍ଟି କରିଛି। ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ପୂର୍ବ ଦ୍ୱାର ବିକାଶର ମୁଖଶାଳା ପାଲଟିଛି ଜଗତସିଂହପୁର ଓ ପାରାଦ୍ୱୀପ। ଆଜି ଜଗତସିଂହପୁରରେ ଯେଉଁ ବ୍ୟାପକ ବିକାଶ ହୋଇପାରିଛି ସେ ସବୁର ଶ୍ରେୟ ଯିବ ସାଂସଦ ତଥା ମାଟିର ପୁଅ ବିଭୁପ୍ରସାଦ ତରାଇଙ୍କୁ। ଯୋଗାଯୋଗ, ରାସ୍ତାଘାଟ, କୃଷି, ଶିଳ୍ପ, ଶିକ୍ଷା, ଚିକିତ୍ସା ସେବା ଆଦି ସବୁ କ୍ଷେତ୍ରରେ ବିକାଶ ଲାଭ କରିଛି। ପାରାଦ୍ୱୀପରେ ଗୁରୁତ୍ୱପୂର୍ଣ୍ଣ ଦ୍ରୁତ ଶିଳ୍ପ ଅଭିବୃଦ୍ଧି ହେଉଛି ତାଙ୍କରି ବ୍ୟକ୍ତିନିଷ୍ଠ ଉଦ୍ୟମର ଫଳ। ଯାହାଫଳରେ ଅନେକ କର୍ମ ନିଯୁକ୍ତି ସୃଷ୍ଟି ହୋଇଛି ଏବଂ ବ୍ୟାପକ ଭାବରେ ଯୁବ ବର୍ଗ ଏହାର ସୁଫଳ ମଧ୍ୟ ପାଉଛନ୍ତି। କହିବାକୁଗଲେ ଉପକୂଳବର୍ତ୍ତୀ ଜଗତସିଂହପୁର ସାଂସଦ ନିର୍ବାଚନୀ କ୍ଷେତ୍ରରେ ଦ୍ରୁତ ବିକାଶ ସମ୍ଭବ ହୋଇପାରିଛି ବିଭୁ ପ୍ରସାଦ ତରାଇଙ୍କ ପାଇଁ। ତାଙ୍କରି ବ୍ୟକ୍ତିନିଷ୍ଠ ଓ ଦୂରଦର୍ଶୀ ଚିନ୍ତାସମ୍ପନ୍ନ ଯୋଜନାର ସୁଫଳ ସ୍ଥାନୀୟବାସୀ ପାଉଛନ୍ତି। ମୋହନ ସରକାର ପାଞ୍ଚ ବର୍ଷରେ ଦେଢ଼ଲକ୍ଷ ସରକାରୀ କର୍ମଚାରୀ ପଦ ପୂରଣ ସମ୍ପର୍କରେ ତାଙ୍କ ନିର୍ବାଚନ ସମୟର ସଂକଳ୍ପ ପତ୍ରରେ ଉଲ୍ଲେଖ ରହିଥିଲା ତେବେ ତାଙ୍କ ଶାସନର ଗୋଟିଏ ବର୍ଷ ଭିତରେ ୨୭ ହଜାର କର୍ମଚାରୀ ପଦ ପୂରଣ ହୋଇଛି। ପଛୁଆବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମାଗଣା ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ଏକ ଉତ୍କୃଷ୍ଟ ଯୋଜନା। ଏହାର ବିଶେଷ ଲାଭ ପ୍ରବାସୀ ମେହନତୀ ବର୍ଗ ପାଉଛନ୍ତି। ୮୦ ବର୍ଷରୁ ଅଧିକ ବୟସ୍କ ଓ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଭତ୍ତାରାଶି ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଆୟୁଷ୍ମାନ ଯୋଜନାରେ ୮୦ ବର୍ଷରୁ ଅଧିକ ବୟସ୍କ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସେବା ଦେବାର ବ୍ୟବସ୍ଥା ହୋଇଛି। ୨୦୨୬ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଘରେ ଶୁଦ୍ଧ ପିଇବା ପାଣି ପାଇପ ଦ୍ୱାରା ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି।

ଗତ ଜାନୁଆରୀରେ ପ୍ରଧାନମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ମେକ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇ ସାରା ବିଶ୍ୱର ଉଦ୍ୟୋଗପତି ମାନଙ୍କୁ ଓଡ଼ିଶାରେ ନିବେଶ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାର ଫଳସ୍ୱରୂପ କେବଳ ଦୁଇଦିନ ମଧ୍ୟରେ ରେକର୍ଡ଼ ୧୭ ଲକ୍ଷ କୋଟି ଟଙ୍କାର ବିନିଯୋଗ ମିଳିଥିଲା। ଏହାମଧ୍ୟରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ୫୬ଟି ଉଦ୍ୟୋଗ ଆରମ୍ଭ ହୋଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୧୮୬୫୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ହୋଇଛି। ଏଥିରେ ୯୬୪୨ କୋଟି ଟଙ୍କାର ୬୦ଟି ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବା ସହ ୯୦୧୧ କୋଟି ଟଙ୍କାର ୪୫ଟି ପ୍ରକଳ୍ପର ଉଦଘାଟନ କରିଥିଲେ। ୨୦୩୬ ସୁଦ୍ଧା ପୂର୍ବ ଭାରତର ବିକାଶ କରିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ପୂର୍ବୋଦୟରୁ ଓଡ଼ିଶାର ବିକାଶ ବ୍ୟାପକ ଓ ତ୍ୱରାନ୍ୱିତ ହୋଇଛି। ଆଗାମୀ ଦିନରେ ଓଡ଼ିଶା ଭାରତର ପେଟ୍ରୋକେମିକାଲ ହବ୍ ବନିବାକୁ ଯାଉଛି। ଓଡ଼ିଶାରେ ପେଟ୍ରୋଲିୟମ ଓ ପେଟ୍ରୋକେମିକାଲସ୍ କାରବାର ବଢ଼ିବ। ୧୩ଲକ୍ଷ କୋଟିର ନିବେଶ ହେବ। ଆଗାମୀ ଦଶ ବର୍ଷ ପାଇଁ ଓଡ଼ିଶା ବିକାଶର ରୋଡ଼ମ୍ୟାପ ଡବଲ ଇଞ୍ଜିନ ସରକାର ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ଦେଶର ରାଜ୍ୟ ଗୁଡ଼ିକ ମଧ୍ୟରେ ଆର୍ଥିକ ନେତୃତ୍ୱ କ୍ଷେତ୍ରରେ ନୂଆ ସଂଜ୍ଞା ରଚିବାକୁ ଯାଉଛି। ୨୦୪୭ ସୁଦ୍ଧା ଶିଳ୍ପକ୍ଷେତ୍ରରେ ଯୋଗଦାନ ୩୭ ପ୍ରତିଶତ ଓ ସେବା କ୍ଷେତ୍ରରର ଯୋଗଦାନ ୪୫ ପ୍ରତିଶତକୁ ବୃଦ୍ଧି ପାଇଛି। ଓଡ଼ିଶା ଭିଜନ ୨୦୪୭ରେ ଓଡ଼ିଶାକୁ ସୁଯୋଗ ଓ ସମୃଦ୍ଧିର ଭୂମି ଭାବେ ଅଭିହିତ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତି ଯେଭଳି ଉତ୍ତମ, ସ୍ୱାସ୍ଥ୍ୟକର ଏବଂ ସୁଖୀ ଜୀବନ ଜିଇଁବେ ସେଥିପାଇଁ ରାଜ୍ୟର ପ୍ରାକୃତିକ ସମ୍ପଦ ଓ ସାଂସ୍କୃତିକ ଐତିହ୍ୟକୁ ଉପଯୋଗ କରାଯିବ। ଓଡ଼ିଶା ଅର୍ଥନୀତିର ଆକାର ବର୍ତ୍ତମାନ ୧୧୩ ବିଲିୟନ ଡଲାର ରହିଛି। ୨୦୪୭ ସୁଦ୍ଧା ଏହାକୁ ୧୩ ଗୁଣା ବଢ଼ାଯାଇ ୧.୫ ଲକ୍ଷ କୋଟି ଡଲାରରେ ପହଞ୍ଚା ଯିବାର ଯୋଜନା ମୋହନ ସରକାର ରଖିଛନ୍ତି। ମୋହନ ସରକାରଙ୍କ ଦୁଆର ସମସ୍ତଙ୍କ ପାଇଁ ଖୋଲା। ସେ ଜଣେ ଅତ୍ୟନ୍ତ ସରଳ ବ୍ୟକ୍ତିତ୍ୱ। ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୋହନ ସରକାରଙ୍କ ପ୍ରତିବଦ୍ଧତା ପ୍ରତି ପ୍ରତିକୋଣରୁ ସମର୍ଥନ ରହିବା ଅତ୍ୟନ୍ତ ଜରୁରୀ।

+ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି
ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୮୫୩୨

# ମହାଦେବଙ୍କ ମହାତତ୍ତ୍ୱ - ବୋଲବମ୍ ଯାତ୍ରା

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଶ୍ରାବଣ ମାସକୁ ମାସୋତ୍ତମ କୁହାଯାଏ। ଏ ମାସର ପ୍ରତ୍ୟେକ ଦିନ ଏକ ନୂଆ ଆଲୋକ ଦେଖାଏ। ଶ୍ରାବଣ ନକ୍ଷତ୍ର ତଥା ସୋମବାର ସହ ଭଗବାନ୍ ଶିବଶଙ୍କରରଙ୍କ ଗଭୀର ସଂପର୍କ ରହିଛି। ଏହି ମାସରେ ଶିବ ଭକ୍ତମାନେ ଜ୍ୟୋର୍ତିଲିଙ୍ଗ ଦର୍ଶନ ଏବଂ ଜଳାଭିଷେକ ଦ୍ୱାରା ଅଶ୍ୱମେଧ ଯଜ୍ଞ ସମ ଫଳ ଲାଭ କରନ୍ତି। ସହସ୍ର ସହସ୍ର ଭକ୍ତ ହର ହର ମହାଦେବ ଓ ବ୍ୟୋମ ବ୍ୟୋମ ବ୍ୟୋମ ବିଶ୍ୱନାଥ ଉଚ୍ଚାରଣ କରି ଭକ୍ତି ଓ ଏକାଗ୍ରତା ସହକାରେ ଜଳାଭିଷେକ କରନ୍ତି। ଭଗବାନ ଶିବଙ୍କ ମୂର୍ତ୍ତି ଓ ଶିବଲିଙ୍ଗ ଉପରେ ଜଳ ଚଢ଼ାଇ ତାଙ୍କର ମନସ୍କାମନା ଜଣାଇ ଭକ୍ତଗଣ ମାନସିକ ଶାନ୍ତି ଓ ଏକାଗ୍ରତା ଲାଭ କରନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ, ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତ ମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ - ଏହା ହେଉଛି ନୀହାରିକା ଜଗତ। ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛନ୍ତି। ତୀବ୍ର ଗତିରେ ଭ୍ରମଣ କରୁଛନ୍ତି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛନ୍ତି। ଏହାଫଳରେ ସେଠାରେ ସର୍ବଦା ଓଁ ଓଁ - ବ୍ୟୋମ ବ୍ୟୋମ ଶବ୍ଦ ଉଚ୍ଚାରଣ ହେଉଛି। ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ। ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ - ଧାତୁ ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି। ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ। ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ। ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ।

ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ଏହି ସାପର ଅସ୍ତିତ୍ୱକୁ ପରମ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ। ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଭଳି ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରନ୍ତି। ମହାଦେବଙ୍କର ପରିଧାନ ହେଲା ବ୍ୟାଘ୍ରଚର୍ମ। ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ। ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ। ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି। ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର। ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିସ୍ଫୁଟ ହୁଏ। ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରିରଖିଛନ୍ତି। ତ୍ରୀଶୂଳ ମହାଦେବଙ୍କ ଅସ୍ତ୍ର। ଦୁଷ୍ଟ ଦାନବ ନିଧନ ନିମିତ୍ତ ଏହି ତ୍ରୀଶୂଳ ଉଦ୍ଦିଷ୍ଟ। ଏହା ସାଙ୍ଗରେ ଅଛି ଡମ୍ବରୁ। ସେଥିପାଇଁ କୁହାଯାଏ ସେ ଡମ୍ବରୁଧର। ଡମ୍ବରୁ ହେଉଛି ଶବ୍ଦର ପ୍ରତୀକ, ଆଦିଶବ୍ଦ ଓ ଆଦିବ୍ରହ୍ମ। ଶିବଙ୍କର ପାଞ୍ଚଟି ମୁଖ, ଏହି ପାଞ୍ଚଟି ମୁଖରେ ସେ ପରମପିତାଙ୍କର ଗୁଣଗାନ କରନ୍ତି। ସେ ତ୍ରିନୟନଧାରୀ, ଦୁଇଟି ସାଧାରଣ ଚକ୍ଷୁ ଓ ଆଉ ଗୋଟିଏ ପ୍ରଜ୍ଞାନେତ୍ର। ଏହି ପ୍ରଜ୍ଞାନେତ୍ରରୁ କ୍ରୋଧବହ୍ନି ନିର୍ଗତ ହୋଇ କାମଦେବଙ୍କୁ ମହାଦେବ ଭସ୍ମୀଭୂତ କରିଥିଲେ। ଏହାର ଅର୍ଥ ହେଉଛି କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ ଇତ୍ୟାଦି ଷଡ଼ରିପୁ ଶିବଙ୍କ ପାଖରେ ଭସ୍ମୀଭୂତ।

ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ। ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମଶିବ ମଝି ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ। ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ। ଶିବଲିଙ୍ଗରେ ପାଣି ଢ଼ାଳିବାର ଅର୍ଥ ହେଉଛି ମନୁଷ୍ୟର ଯୌନ ଜୀବନକୁ ଧୀର, ସ୍ଥିର, ସୁସ୍ଥ, ଶାନ୍ତ ଓ ସୁନିୟନ୍ତ୍ରିତ ରଖିବା। ଏହି ଯୌନ ଜୀବନ ଶାନ୍ତ ହେଲେ ମଣିଷର ଜୀବନ ଶାନ୍ତ, ନିରାମୟ ଓ ସମାଜର କଲ୍ୟାଣ ସାଧନ ହୁଏ। ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି।

+ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି,
(ଅବସରପ୍ରାପ୍ତ) କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଜଳବାୟୁ ପରିବର୍ତ୍ତନର ନୀରବ ସଙ୍କଟ: ଭାରତର ଆଭ୍ୟନ୍ତରୀଣ ବିସ୍ଥାପନ

ଜଳବାୟୁ ପରିବର୍ତ୍ତନ ଆଉ କେବଳ ଏକ ପରିବେଶଗତ ଆଶଙ୍କା ହୋଇ ରହିନାହିଁ, ବରଂ ଏହା ଏକ କଠୋର ସାମାଜିକ ବାସ୍ତବତାରେ ପରିଣତ ହୋଇଛି। ବୁନ୍ଦେଲଖଣ୍ଡର ଶୁଷ୍କ ଭୂମିରୁ ଆରମ୍ଭ କରି ମହାରାଷ୍ଟ୍ରର ମରୁଡ଼ି ପ୍ରପୀଡ଼ିତ ବିଦର୍ଭ ଓ ମରାଠୱାଡ଼ା ପର୍ଯ୍ୟନ୍ତ, ଜଳବାୟୁର ପରିବର୍ତ୍ତିତ ଧାରା ଲକ୍ଷ ଲକ୍ଷ ଲୋକଙ୍କୁ ନିଜର ଭିଟାମାଟି ଛାଡ଼ିବାକୁ ବାଧ୍ୟ କରୁଛି । ଏହି ନୀରବ ସ୍ଥାନାନ୍ତର କେବଳ କିଛି ପରିସଂଖ୍ୟାନ ନୁହେଁ, ବରଂ ଏହା ଭାରତର ଅଗଣିତ ପରିବାରର ଦୁର୍ଦ୍ଦଶା, ଭାଙ୍ଗି ଯାଉଥିବା ସ୍ୱପ୍ନ ଏବଂ ଅନିଶ୍ଚିତ ଭବିଷ୍ୟତର କାହାଣୀ। ଯେତେବେଳେ କୃଷିଭିତ୍ତିକ ଜୀବିକା ଅନିୟମିତ ମୌସୁମୀ ଓ ବାରମ୍ବାର ମରୁଡ଼ି ଯୋଗୁଁ ଧ୍ୱସ୍ତ ହୋଇଯାଏ, ସେତେବେଳେ ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ସହରକୁ ପଳାୟନ କରିବା ଏକ ବାଧ୍ୟତାମୂଳକ ବିକଳ୍ପ ପାଲଟିଯାଏ । ଏହା ସୁଯୋଗର ସନ୍ଧାନ ନୁହେଁ, ବରଂ ଏକ ବଞ୍ଚିବାର ସଂଘର୍ଷ ।

ଏହି ସଙ୍କଟର ଗଭୀରତାକୁ ବୁଝିବାକୁ ହେଲେ ଆମକୁ ଏହାର କାରଣଗୁଡ଼ିକୁ ବିଶ୍ଳେଷଣ କରିବାକୁ ପଡ଼ିବ । ବୁନ୍ଦେଲଖଣ୍ଡ ପରି ଅଞ୍ଚଳରେ କ୍ରମାଗତ ଭାବେ କମୁଥିବା ବୃଷ୍ଟିପାତ ଏବଂ ବଢୁଥିବା ତାପମାତ୍ରା କୃଷିକୁ ଏକପ୍ରକାର ଜୁଆଖେଳରେ ପରିଣତ କରିଦେଇଛି । ସେହିପରି ବିଦର୍ଭ ଓ ମରାଠୱାଡ଼ାରେ ମରୁଡ଼ିର ପୁନରାବୃତ୍ତି କେବଳ ଫସଲହାନି କରୁନାହିଁ, ବରଂ କୃଷକ ଆତ୍ମହତ୍ୟା ଭଳି ଭୟାବହ ପରିସ୍ଥିତି ମଧ୍ୟ ସୃଷ୍ଟି କରୁଛି । ୨୦୨୩ ମସିହାରେ କେବଳ ଏହି ଦୁଇ ଅଞ୍ଚଳରେ ୨,୫୨୭ ଜଣ ଚାଷୀ ଆତ୍ମହତ୍ୟା କରିଥିଲେ, ଯାହା ସ୍ଥିତିର ଗମ୍ଭୀରତାକୁ ଦର୍ଶାଉଛି । ଏହି ପରିସ୍ଥିତିରେ, ଲୋକମାନେ ନିଜର ଜମିବାଡ଼ି ଛାଡ଼ି ମୁମ୍ବାଇ, ଦିଲ୍ଲୀ, ସୁରଟ ଭଳି ମହାନଗରୀରେ ଦିନ ମଜୁରିଆ, ନିର୍ମାଣ ଶ୍ରମିକ କିମ୍ବା ଢାବା କର୍ମଚାରୀ ଭାବରେ କାମ କରିବାକୁ ବାଧ୍ୟ ହେଉଛନ୍ତି । ଏହି ପ୍ରବାସ କେବଳ ଏକ ଅସ୍ଥାୟୀ ବ୍ୟବସ୍ଥା ନୁହେଁ, ବରଂ ଅନେକ କ୍ଷେତ୍ରରେ ଏହା ଋଣ-ଦାସତ୍ୱର ଏକ ନୂତନ ରୂପ ନେଉଛି, ଯେପରିକି ମହାରାଷ୍ଟ୍ରର ଆଖୁ କ୍ଷେତରେ କାମ କରୁଥିବା ଶ୍ରମିକମାନଙ୍କ କ୍ଷେତ୍ରରେ ଦେଖାଯାଏ ।

ଏହି ଜଳବାୟୁ ପ୍ରବାସର ସାମାଜିକ ପ୍ରଭାବ ଅତ୍ୟନ୍ତ ବ୍ୟାପକ ଏବଂ ବହୁମୁଖୀ। ଯେତେବେଳେ ଗାଁରୁ ପୁରୁଷମାନେ କାମ ସନ୍ଧାନରେ ବାହାରକୁ ଚାଲିଯାଆନ୍ତି, ପଛରେ ରହିଯାଆନ୍ତି ମହିଳା, ଶିଶୁ ଓ ବୃଦ୍ଧ । ଏହାଦ୍ୱାରା ଗ୍ରାମୀଣ ସାମାଜିକ ସଂରଚନା ଦୁର୍ବଳ ହୋଇପଡ଼େ ଏବଂ ମହିଳାମାନଙ୍କ ଉପରେ ଦ୍ୱିଗୁଣିତ ଚାପ ସୃଷ୍ଟି ହୁଏ । ସେମାନଙ୍କୁ କେବଳ ଘର ସମ୍ଭାଳିବାକୁ ପଡ଼େ ନାହିଁ, ବରଂ କୃଷିକାର୍ଯ୍ୟ ଏବଂ ପରିବାରର ସମସ୍ତ ଦାୟିତ୍ୱ ମଧ୍ୟ ତୁଲାଇବାକୁ ପଡ଼େ। ଅନ୍ୟ ପଟେ, ସହରକୁ ଯାଉଥିବା ପ୍ରବାସୀମାନଙ୍କ ଜୀବନ ମଧ୍ୟ ସହଜ ନୁହେଁ। ସେମାନେ ଅସ୍ୱାସ୍ଥ୍ୟକର ବସ୍ତିରେ ରହିବାକୁ ବାଧ୍ୟ ହୁଅନ୍ତି, ଯେଉଁଠାରେ ମୌଳିକ ସୁବିଧା ଯେପରିକି ପରିମଳ, ପାନୀୟ ଜଳ କିମ୍ବା ସ୍ୱାସ୍ଥ୍ୟସେବାର ଘୋର ଅଭାବ ଥାଏ । ସରକାରୀ ଯୋଜନାଗୁଡ଼ିକର ସୁବିଧା ସ୍ଥାନାନ୍ତର ପରେ ସେମାନଙ୍କ ପାଇଁ ଅପହଞ୍ଚ ହୋଇଯାଏ, କାରଣ ସେମାନଙ୍କର ରାସନ କାର୍ଡ କିମ୍ବା ଅନ୍ୟାନ୍ୟ ପରିଚୟ ପତ୍ର ପୁରୁଣା ଠିକଣାରେ ପଞ୍ଜୀକୃତ ହୋଇ ରହିଥାଏ । ଏହା ସେମାନଙ୍କୁ ସାମାଜିକ ସୁରକ୍ଷା ଜାଲରୁ ବାହାର କରିଦିଏ, ଯାହା ସେମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଥାଏ।

ଏହି ସମସ୍ୟାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଜାତୀୟ ସ୍ତରରେ ଏକ ସୁସଙ୍ଗତ ନୀତିର ଅଭାବ। ଇଣ୍ଟରନାଲ ଡିସପ୍ଲେସମେଣ୍ଟ ମନିଟରିଂ ସେଣ୍ଟର (IDMC) ଅନୁଯାୟୀ, ୨୦୨୪ ମସିହାରେ ଭାରତରେ ଜଳବାୟୁ ସମ୍ବନ୍ଧୀୟ ବିପର୍ଯ୍ୟୟ ଯୋଗୁଁ ୫୪ ଲକ୍ଷ ଆଭ୍ୟନ୍ତରୀଣ ବିସ୍ଥାପନ ଘଟିଛି, ଯାହା ଦକ୍ଷିଣ ଏସିଆରେ ସର୍ବାଧିକ । ଏହା ସତ୍ତ୍ୱେ, 'ଜଳବାୟୁ ଶରଣାର୍ଥୀ' ବା '**climate refugee**' ଭାବରେ କୌଣସି ଆଇନଗତ ସ୍ୱୀକୃତି ନାହିଁ, ଯାହାଫଳରେ ଏହି ବିସ୍ଥାପିତ ଲୋକମାନେ କୌଣସି ସରକାରୀ ସହାୟତା ବା ପୁନର୍ବାସ ଯୋଜନାର ଅନ୍ତର୍ଭୁକ୍ତ ହୋଇପାରୁ ନାହାନ୍ତି । ଜାତୀୟ ଏବଂ ରାଜ୍ୟ ସ୍ତରୀୟ ଜଳବାୟୁ କାର୍ଯ୍ୟ ଯୋଜନାଗୁଡ଼ିକରେ ଜଳବାୟୁ-ପ୍ରେରିତ ପ୍ରବାସକୁ ସିଧାସଳଖ ସମାଧାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏହି ନୀତିଗତ ଶୂନ୍ୟତା ସଙ୍କଟକୁ ଆହୁରି ଜଟିଳ କରୁଛି।

ତେଣୁ, ଏହି ସମସ୍ୟାର ସମାଧାନ ପାଇଁ ଏକ ବହୁମୁଖୀ ଏବଂ ସନ୍ତୁଳିତ ଦୃଷ୍ଟିକୋଣ ଆବଶ୍ୟକ । ପ୍ରଥମତଃ, ସ୍ଥାନୀୟ ସ୍ତରରେ ଜଳବାୟୁ ଅନୁକୂଳନ (**climate adaptation**) ପଦକ୍ଷେପକୁ ମଜବୁତ କରିବାକୁ ପଡ଼ିବ । ଏଥିରେ ଜଳ ସଂରକ୍ଷଣ, ମରୁଡ଼ି-ପ୍ରତିରୋଧୀ ଫସଲକୁ ପ୍ରୋତ୍ସାହନ ଏବଂ କୃଷି ବ୍ୟତୀତ ଅନ୍ୟ ଜୀବିକା ସୁଯୋଗ ସୃଷ୍ଟି କରିବା ଅନ୍ତର୍ଭୁକ୍ତ । ଦ୍ୱିତୀୟତଃ, ଯେଉଁମାନେ ସ୍ଥାନାନ୍ତର ହେବାକୁ ବାଧ୍ୟ ହେଉଛନ୍ତି, ସେମାନଙ୍କ ପାଇଁ ଏକ ଜାତୀୟ ନୀତି ପ୍ରଣୟନ କରାଯିବା ଜରୁରୀ । ଏହି ନୀତିରେ 'ଜଳବାୟୁ ପ୍ରବାସୀ'ଙ୍କୁ ଆଇନଗତ ସ୍ୱୀକୃତି ଦେବା ସହିତ ସେମାନଙ୍କ ପାଇଁ ସହରାଞ୍ଚଳରେ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସମ୍ମାନଜନକ ଜୀବନଶୈଳୀ ସୁନିଶ୍ଚିତ କରିବାକୁ ହେବ । ସ୍ଥାନାନ୍ତରକୁ ଏକ ସଙ୍କଟ ଭାବରେ ଦେଖିବା ପରିବର୍ତ୍ତେ, ଏହାକୁ ଜଳବାୟୁ ପରିବର୍ତ୍ତନର ଏକ ଅବଶ୍ୟମ୍ଭାବୀ ପରିଣାମ ଭାବରେ ଗ୍ରହଣ କରି ଏକ ମାନବୀୟ ଏବଂ ଦୀର୍ଘମିଆଦୀ ସମାଧାନର ରାସ୍ତା ଖୋଜିବାର ସମୟ ଆସିଛି । ଏହା କେବଳ ଏକ ଅର୍ଥନୈତିକ ବା ପରିବେଶଗତ ପ୍ରସଙ୍ଗ ନୁହେଁ, ବରଂ ଏହା ମାନବିକ ଅଧିକାର ଏବଂ ସାମାଜିକ ନ୍ୟାୟର ପ୍ରଶ୍ନ।






## ଜୀବନ ଶୈଳୀ

### ଓଙ୍ଗେରୀ ସେଲ୍ଭା କୁମାର

ବାହ୍ୟରକୁ ଉଡାନ୍ତୁଛୁଆ
ବୋଲି ଚେଷ୍ଟା
କରନ୍ତୁଆକାଶରେ ଘୁରନ୍ତୁପୂଁଜା
ସହିତ ନାଚନ୍ତୁଶ୍ୱାସ ସହିତ ଝଗଡା
କରନ୍ତୁବାତାସ ମାରଗ
ଉପରେଆଶ୍ଚର୍ଯ୍ୟ ଉଡାଣ ଜୀବନ
ଶୈଳୀକେମିତି
ଏକ ମୁକ୍ତ ଜୀବନ ଶୈଳୀ ?
କୋରୋନା ସହିତମୁହଁ
ସହିତ ମାସ୍କହାଥରେ
ଗ୍ଲଭ୍ଶ୍ୱାସ ନିବେଶ କରିବା
ଏତେ ସହଜ ନୁହ ?
ଶ୍ୱାସକୁ ମୁକ୍ତ ମାନିବାକୁ
ଅନୁଭବ କରନ୍ତୁକେବେ
ମଧ୍ୟ କ୍ୱାରେଣ୍ଟିନ୍
ହେବାକୁଘର ସହିତ କାମ କରନ୍ତୁ...
ଏହା ଏକ ଜୀବନ ଶୈଳୀହଁ...
ଆଜି ନୁହେଁକାଲି ମଧ୍ୟ...


+୨୫/୧୩, ସନ୍ନିୟାପ୍ପା ଷ୍ଟ୍ରିଟ୍,
ଓଙ୍ଗେରି,
ଚେନ୍ନାଇ ୬୦୦୦୧୨
ସେଲ୍ ୯୮୪୯୩୨୬୮୪୮


# ଅନଧିକୃତ ଦହନଶୀଳ ପଦାର୍ଥ ବିକ୍ରି ଉପରେ କେବେ ରୋକ ଲାଗିବ ?



**ବିଷ୍ଣୁ ପ୍ରସାଦ ଦାସ**

ସମ୍ପ୍ରତି ସହର ବଜାର ଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ମଧ୍ୟ କିଛି କିଛି ବ୍ୟବଧାନରେ ଚୋରା ପେଟ୍ରୋଲ / ଡିଜେଲ ରନ୍ଧନ ଗ୍ୟାସ / ସ୍ପିରିଟ୍ ଖୁବ୍ ସହଜରେ ଉପଲବ୍ଧ ହେଉଛି ଯାହାଫଳରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟି ଅକାଳରେ ଧନ ଜୀବନ ନଷ୍ଟ ହେବାର ଖବର ପ୍ରତିଦିନ ଖବର କାଗଜ , ଟିଭି ପରଦାରୁ ଦେଖିବାକୁ ମିଳୁଛି । ଛୋଟ ଛୋଟ କଥାରେ ଆଜିକାଲି ବୋତଲରେ ପେଟ୍ରୋଲ ଧରି ନିଜ ଉପରେ ବା ଅନ୍ୟ ଉପରେ ପ୍ରୟୋଗ କରି ଆତ୍ମହତ୍ୟାର ରୂପ ଦିଆ ଯାଉଛି । ତେବେ କଥା ଉଠୁଛି ଏହି ଅନଧିକୃତ ବିକ୍ରେତା ମାନେ ଅତ୍ୟନ୍ତ ଦହନଶୀଳ ତରଳ ପଦାର୍ଥ ଆଣୁଛନ୍ତି କେଉଁଠୁ ? ତାଙ୍କୁ କିଏ ଏହିସବୁ ଯୋଗାଇ ଦେଉଛି ତଥା ପ୍ରଶାସନ କ'ଣ କରୁଛି ? ଅନେକ ପ୍ରଶ୍ନ ପଚରା ଯାଇ ପାରେ ଏବଂ ସମାଧାନର ବାଟ ମଧ୍ୟ ଖୋଜା ଯାଇ ପାରେ । ସରକାର ଏହି ସବୁ ଦହନଶୀଳ ପଦାର୍ଥ ବିକ୍ରି କରିବା ନିମନ୍ତେ ତାଙ୍କଠାରୁ ଲାଇସେନ୍ସ ପ୍ରାପ୍ତ ଅଧିକୃତ ବ୍ୟବସାୟୀ ନିଯୁକ୍ତ କରିଛନ୍ତି । ଏହି ନିୟମ ଅନୁଯାୟୀ ପ୍ରଦାନ କରାଯାଇଥିବା ସଂରକ୍ଷଣ ଲାଇସେନ୍ସ ଧାରକ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଏଜେଣ୍ଟ କିମ୍ବା ବନ୍ଦର କର୍ତ୍ତୃପକ୍ଷ କିମ୍ବା ରେଳ ପ୍ରଶାସନ କିମ୍ବା ଆଇନ ଅନୁଯାୟୀ ଲାଇସେନ୍ସ ପ୍ରାପ୍ତ ପେଟ୍ରୋଲିୟମ ସଂରକ୍ଷଣ କରିବାକୁ କ୍ଷମତାପ୍ରାପ୍ତ ବ୍ୟକ୍ତି ବ୍ୟତୀତ କୌଣସି ବ୍ୟକ୍ତି ଭାରତରେ ଅନ୍ୟ କାହାକୁ ପେଟ୍ରୋଲିୟମ ବିତରଣ କିମ୍ବା ପ୍ରେରଣ କରିବେ ନାହିଁ । (ନିଷ୍କର୍ଷର ସାରାଂଶ-- ଲାଇସେନ୍ସ ବିନା ପେଟ୍ରୋଲ ଏବଂ ଡିଜେଲ ବିକ୍ରୟ ମୁଖ୍ୟତଃ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ, ୧୯୫୫ ର ଧାରା ୩(୨)(ୟ) ଏବଂ ମୋଟର ସ୍ପିରିଟ୍ ଏବଂ ହାଇ ସ୍ପିଡ୍ ଡିଜେଲ୍ ତେଲ (ଲାଇସେନ୍ସିଂ ଏବଂ ନିୟନ୍ତ୍ରଣ) ଆଦେଶ, ୧୯୮୦ ଦ୍ୱାରା ନିୟନ୍ତ୍ରିତ । ଉଲ୍ଲଂଘନ କାରୀ ମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନର ଧାରା ୭ ଅନୁଯାୟୀ ଦଣ୍ଡ ଭୋଗି ପାରନ୍ତି, ଯେଉଁଥିରେ ଜରିମାନା ଏବଂ କାରାଦଣ୍ଡ ଅନ୍ତର୍ଭୁକ୍ତ ହୋଇପାରେ) ନିକଟ ଅତୀତରେ ଅନଧିକୃତ ପେଟ୍ରୋଲ ବିକ୍ରି ଜନିତ ଦୁଇଟି ଦୁର୍ଘଟଣାର ଉଦାହରଣ ଦେଉଛି...

ଫକୀର ମୋହନ କଲେଜର ଜଣେ ଅଧ୍ୟାପକଙ୍କ ଦ୍ୱାରା ମାନସିକ ତଥା ଯୌନ ନିର୍ଯାତନାର ଶିକାର ହୋଇ ଥିବା ଅସହାୟ ଛାତ୍ରୀଟି ଅନ୍ୟାୟ ବିରୁଦ୍ଧରେ ଅଧକ୍ଷଙ୍କ ପାଖକୁ ବାରମ୍ବାର ଦୌଡ଼ି ଦୌଡ଼ି ଶେଷ ପର୍ଯ୍ୟାୟ ଆଲୋଚନା କରିବାକୁ ଯିବା ପୂର୍ବରୁ ନିଜ ବ୍ୟାଗ ମଧ୍ୟରେ ଲୁଚାଇ ପେଟ୍ରୋଲ ବୋତଲଟି ନେଇ ଥିଲା ଏବଂ ଯଦି ତାକୁ ଅବହେଳା କରାଯାଏ / ତାକୁ ଉଚିତ ନ୍ୟାୟ ନ ମିଳେ ବା କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜେ ତେବେ ସେ ତା'ର ମନ ମଧ୍ୟରେ ଅଙ୍କୁରିତ ହେଉଥିବା ସୁପ୍ତ ଇଚ୍ଛା କୁ ଆତ୍ମାହୁତିର ରୂପ ଦେବାକୁ ବିକଳ୍ପଟି ପାଖରେ ରଖିଥିଲା । ମାନସିକ ସ୍ତରରେ ନ୍ୟାୟ ପାଇଁ, ଆତ୍ମସମ୍ମାନ ପାଇଁ ତଥା ଜଣେ ରାକ୍ଷସ ତୁଲ୍ୟ ଯୌନ ପିପାସୁ ଶିକ୍ଷକଙ୍କ କଳା କାରନାମା ପଦାରେ ପକାଇ ଭବିଷ୍ୟତ ପାଇଁ ଅନ୍ୟ ଛାତ୍ରୀ ମାନଙ୍କୁ ସୁରକ୍ଷା ଦେବାର ଇଛା ଶକ୍ତିକୁ ନେଇ ଲଢୁଥିବା ଛାତ୍ରୀଟି ଶେଷରେ ଦଲାଲ, ଚକ୍ରାନ୍ତକାରୀ, ମାନବିକତାହୀନ ଶିକ୍ଷକ ଶିକ୍ଷୟିତ୍ରୀ, ଅଧକ୍ଷ୍ୟ ତଥା ସ୍ୱାର୍ଥପର ମାନଙ୍କ ଚକ୍ରବ୍ୟୁହରେ ପଡି ଗଲା, 'ତିନି ତୁଣ୍ଡରେ ଛେଳି କୁକୁର ' ପରି ତା'ର ଅବସ୍ଥା ହୋଇ ଗଲା ଏବଂ ଅନ୍ୟ ଉପାୟ ନପାଇ ତା'ର ଶେଷ ଅସ୍ତ୍ର ପେଟ୍ରୋଲ ବୋତଲଟି ବାହାର କରି ନିଜ ଉପରେ ଢାଳି ନିଆଁ ଲଗାଇ ଦେଲା, ଶରୀରର ୯୦/୯୫ ଭାଗ ଜଳି ଯାଇଥିବା ନିରୀହ ଛାତ୍ରୀଟି ୫୫ ଘଣ୍ଟା ଜୀବନ ଯୁଦ୍ଧ ରେ ସଂଗ୍ରାମ କରି କରି ଶେଷରେ ୧୪ ତାରିଖ ରାତ୍ରି ୧୧ ଟା ୪୬ ମିନିଟରେ ଚିରଦିନ ପାଇଁ ଚାଲିଗଲା ଓ ଆମେ ସମସ୍ତେ ପିଲାଟିର ଆତ୍ମାର ସଦ୍ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାଥନା କରିବା ସହିତ ତାର ପରିବାରକୁ ସମବେଦନା ଜଣାଉଛୁ ଓ ଦୋଷୀ ଦଣ୍ଡ ପାଇବ କି ନାହିଁ ତାହା ଅଦାଲତ ବିଚାର କରି ନିର୍ଣ୍ଣୟ ନେବେ, ତେବେ ଆମ ସମାଜର ମଙ୍ଗୁଆଳ ମାନେ କଣ ଚିନ୍ତା କରୁଛନ୍ତି ? ଏହି ପରି ସମ୍ବେଦନଶୀଳ ଘଟଣା ଗୁଡିକ ଉପରେ ସାମାଜିକ ବାଛନ୍ଦ ଲାଗିବ ଉଚିତ କି ନାହିଁ? ବିଜ୍ଞ ଜନେ ବିଚାର କରନ୍ତୁତ, ଗୋଟିଏ ସ୍ୱୟଂ ଶାଶିତ କଲେଜରେ ଅନେକ ବିଜ୍ଞ, ଗୁଣି ଜ୍ଞାନୀ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ସେମାନଙ୍କର କ'ଣ ମାନବିକତା ମରି ଯାଇଥିଲା ? ଗୋଟିଏ ନିରୀହ ଛାତ୍ରୀ ଆତ୍ମହତ୍ୟା ପରି ଏକ ସାଙ୍ଘାତିକ ନିର୍ଣ୍ଣୟ ନେବା ପୂର୍ବରୁ କ'ଣ କେହି ଜାଣି ପାରିଲେ ନାହିଁ? କେହି ତାଙ୍କୁ ବୁଝାଇ ପାରିଲେ ନାହିଁ ? ମନୋବିଜ୍ଞାନ ବିଭାଗର ଅଧିକୃତ ଅଧିକାରୀ ପିଲାଙ୍କ ମାନସିକ ଅବସ୍ଥା ବୁଝି ତାଙ୍କୁ କିପରି ଭାବରେ ସାଧାରଣ ସ୍ଥିତିକୁ ଫେରାଇ ଅଣାଯାଇ ପାରିବ ତା ପାଇଁ କିଛି କରିଛନ୍ତି କି? ଏହି ସବୁ ବିଷୟ ଅନୁଧ୍ୟାନ କରି ଭବିଷ୍ୟତରେ କିପରି ଏହାର ପୁନରାବୃତ୍ତି ନହେଉ ଏହାହିଁ ସଭ୍ୟ ସମାଜ ଚାହେଁ ।

ଠିକ୍ ସେହି ପରି ଗଂଜାମ ଜିଲ୍ଲାରେ ଦୁଇ ବର୍ଷର ବିବାହିତାଙ୍କୁ ତାଙ୍କ ଶାଶୁ ଯୌତୁକ ନିର୍ଯାତନା ଦେଉଥିବା ସମୟରେ ସେ ୧୩/୦୭/୨୦୨୫ ତାରିଖ ଦିନ ପେଟ୍ରୋଲ୍ ଢାଳି ନିଜେ ଜଳି ଗଲା ବା ତା'କୁ ଜଳାଇ ଦିଆ ଗଲା ତାହା ତଦନ୍ତ ସାପେକ୍ଷ ତେବେ ପେଟ୍ରୋଲ ଏତେ ସହଜରେ କେମିତି ମିଳି ଯାଉଛି? କେବଳ ଏହି ଦୁଇଟି ଘଟଣା ନୁହେଁ ଅନେକ ବ୍ୟକ୍ତି ବିଶେଷ ନିଜ ଦାବି ପୂରଣ ପାଇଁ ପେଟ୍ରୋଲ ଜାତୀୟ ତରଳ ପଦାର୍ଥ ବ୍ୟବହାର କରି ଆତ୍ମାହୁତି ଦେବାକୁ ଚେଷ୍ଟା କରୁଛନ୍ତି ଏବଂ ଆହତ ହୋଇ ମେଡିକାଲ ଯାଉଛନ୍ତି । ପ୍ରଥମ କଥା ହେଉଛି ପ୍ରଶାସନର ଯେଉଁ ବିଭାଗ ଏହି ସବୁ ଜିନିଷ ତଦାରଖ କରିବାର ଦାୟିତ୍ୱରେ ଅଛନ୍ତି ସେମାନେ ତାଙ୍କର ଦାୟିତ୍ୱ ଠିକ୍ ଭାବେ ତୁଲାଉଛନ୍ତି କି ? ଯଦି ତୁଲାଉଛନ୍ତି ତେବେ ଚୋରା ଲୁଚାରେ ପେଟ୍ରୋଲିୟମ୍ ଜାତୀୟ ପଦାର୍ଥ କିପରି ସାହି ବସ୍ତି,ଗଳି କନ୍ଦି, ଗାଁ ଗଣ୍ଡାରେ ଖୁବ୍ ସହଜରେ ମିଳି ଯାଉଛି ? ସହଜରେ ମିଳି ଯାଉଥିବା ଦହନଶୀଳ ପଦାର୍ଥ ପାଇଁ କେତେ ଦୁର୍ଘଟଣା ଘଟୁଛି ତାହା ସର୍ବସାଧାରଣ ଅଙ୍ଗେ ଅଙ୍ଗେ ଉପଲବ୍ଧି କରି ସାରିଲେଣି । ପେଟ୍ରୋଲ ପମ୍ପ ବନ୍ଦ ଥିବା ସମୟରେ ଖୁଲମ୍ ଖୁଲା ପେଟ୍ରୋଲ ପମ୍ପ ସମ୍ମୁଖରେ ବୋତଲ ତଥା ଜାରରେ ପେଟ୍ରୋଲ୍ ଡିଜେଲ୍ ଅଧିକ ଦରରେ ବିକ୍ରି ହେଉଛି ଏହା କ'ଣ ବିଭାଗୀୟ ସରକାରୀ ଅଧିକାରୀ ଜାଣି ପାରୁ ନାହାନ୍ତି ? ସେମାନେ କ'ଣ ପଦକ୍ଷେପ ନେଇଛନ୍ତି? ଏହା କ'ଣ ସରକାରଙ୍କ ଦାୟିତ୍ୱହୀନତାର ଏକ ନଗ୍ନ ଉଦାହରଣ ନୁହେଁକି? ସରକାର ଏଥିପ୍ରତି ଗୁରୁତର ସହିତ ବିଚାର ବିମର୍ଷ କରି ଚୋରା ବେପାରୀ ମାନଙ୍କୁ ଉଚିତ ଦଣ୍ଡ ବିଧାନ କରନ୍ତୁ ତଥା ତାଙ୍କୁ ବେନିୟମ ଭାବେ ଦହନଶୀଳ ପଦାର୍ଥ ଯୋଗାଉଥିବା ସଂସ୍ଥାକୁ ମଧ୍ୟ କଳା ତାଲିକାଭୁକ୍ତ କରିବାକୁ ବିନମ୍ର ଅନୁରୋଧ କରୁଛି । ଜୟ ଜଗନ୍ନାଥ ।


ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


# ଜନ୍ମ ଓ ମୃତ୍ୟୁର ଚକ୍ରରେ ଭଗବତ୍ ପ୍ରାପ୍ତିର ଫଳ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଆମ ସଭିଙ୍କ ମନରେ ଏକ ପ୍ରଶ୍ନ ଆସେ ଯେ ଏ ଯେଉଁ ଭଗବତ୍ ପ୍ରାପ୍ତି କଥା ଅଛି ତାହା କଣ ଅର୍ଥାତ୍ ଭଗବତ୍ ପ୍ରାପ୍ତିର ଫଳ କ'ଣ ? ତାହାର ସାଧାରଣ ଉତ୍ତର ହେଉଛି, ଯେଉଁମାନେ ଭଗବତ୍ ପ୍ରାପ୍ତି କରନ୍ତି, ସେମାନେ ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କର ଦିବ୍ୟ ଲୋକରେ ସ୍ଥାନ ପାଆନ୍ତି । ସେମାନଙ୍କୁ ପୁଣି ଏହି ସଂସାରରେ ଜନ୍ମନେବାକୁ ପଡ଼େ ନାହିଁ, ଯାହାକି ଦୁଃଖ ଭୋଗର ଏକ ସ୍ଥାନ ଅଟେ । ଆମେ ଜନ୍ମ ହେବାର କଷ୍ଟପ୍ରଦ ପ୍ରକ୍ରିୟା ଭୋଗ କରୁ ଏବଂ ଅସହାୟ ଭାବେ କ୍ରନ୍ଦନ କରେ । ଗୋଟିଏ ଛୋଟ ଶିଶୁ ଭାବରେ ଆମର ଅନେକ ଆବଶ୍ୟକତା ରହିଥାଏ ଯାହା ପ୍ରକାଶ କରି ନ ପାରି ଆମେ କାନ୍ଦିଥାଏ। କିଶୋର ଅବସ୍ଥାରେ ଆମେ ନିଜର ଶାରୀରିକ କାମନାକୁ ନେଇ ସଂଘର୍ଷରେ ମାନସିକ ଅଶାନ୍ତି ଭୋଗ କରେ । ବୈବାହିକ ଜୀବନରେ ସ୍ୱାମୀ/ସ୍ତ୍ରୀଙ୍କର ମନମୁଖୀ ସ୍ୱଭାବକୁ ସହ୍ୟ କରିବାକୁ ପଡିଥାଏ । ବୃଦ୍ଧାବସ୍ଥାରେ ଶାରୀରିକ କଷ୍ଟ ଭୋଗ କରେ । ଏହିପରି ସାରା ଜୀବନ ଆମେ ଶାରୀରିକ ଓ ମାନସିକ କଷ୍ଟ ସହିତ ଅନ୍ୟର ବ୍ୟବହାର ଏବଂ ପରିବେଶ ଜନିତ କ୍ଲେଶ ଭୋଗ କରିଥାଏ। ଶେଷରେ ଆମେ ମୃତ୍ୟୁର କଷ୍ଟ ଅନୁଭବ କରିଥାଏ । ଏହି ସବୁ ଯାତନା ଅର୍ଥହୀନ ନୁହେଁ, ଭଗବାନଙ୍କର ବୃହତ୍ ଯୋଜନାରେ ଏହାର ଗୋଟିଏ ଉଦ୍ଦେଶ୍ୟ ରହିଛି । ଏହା ଆମର ହୃଦ୍‌ବୋଧ କରାଇଥାଏ ଯେ ଭୌତିକ ଜଗତ ଆମର ସ୍ଥାୟୀ ନିବାସ ନୁହେଁ । ଆମ୍ଭମାନଙ୍କ ପରି ଭଗବତ୍ ବିମୁଖ ଜୀବାତ୍ମାମାନଙ୍କ ପାଇଁ ଏହା ଏକ ସୁଧାର ଗୃହ ସଦୃଶ ଅଟେ । ଦୁଃଖ କଷ୍ଟ ଭୋଗ ନ କଲେ ଆମେ କେବେ ବି ଭଗବାନଙ୍କର କାମନା କରନ୍ତେ ନାହିଁ । ଉଦାହରଣ ସ୍ୱରୂପ, ଯଦି ଆମେ ଅଗ୍ନିକୁ ସ୍ପର୍ଶ କରିବା ତେବେ ଦୁଇଟି କଥା ହେବ - ହାତ ପୋଡିଯିବ ଏବଂ ଆମେ ଯନ୍ତ୍ରଣା ଅନୁଭବ କରିବା। ହାତ ପୋଡିଯିବା ଖରାପ କଥା କିନ୍ତୁ ଯନ୍ତ୍ରଣା ଅନୁଭବ କରିବା ଆମ ପାଇଁ ଲାଭଦାୟକ ଅଟେ। ଆମେ ଯଦି ଯନ୍ତ୍ରଣା ଅନୁଭବ କରି ନଥାନ୍ତେ, ତାହେଲେ ଆମେ ହାତକୁ ନିଆଁଠାରୁ ଦୂରେଇ ନେଇ ନଥାନ୍ତେ ଏବଂ ତଦ୍ୱାରା ଆମର ବହୁତ କ୍ଷତି ହୋଇଥାଆନ୍ତା । ତେଣୁ ଯନ୍ତ୍ରଣାଟି ଏକ ସୂଚନା ଯେ କେଉଁଠି କିଛି ଭୁଲ ରହିଯାଇଛି ଏବଂ ତାକୁ ସୁଧାରିବା ଆବଶ୍ୟକ । ସେହିପରି ମାୟିକ୍ ଜଗତରେ ଅନୁଭବ କରୁଥିବା ଦୁଃଖ କଷ୍ଟ ମାଧ୍ୟମରେ ଭଗବାନ ଆମକୁ ସତର୍କ କରାଇ ଥାଆନ୍ତି ଯେ ଆମର ଚେତନା ଦୋଷଯୁକ୍ତ ଅଟେ। ସଂସାରିକ ଚେତନାରୁ ଆମେ ଭଗବତ୍ ଚେତନାଯୁକ୍ତ ହେବା ନିମନ୍ତେ ଅଗ୍ରସର ହେବା ଆବଶ୍ୟକ ।

ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ । ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି । ସେ ଜଣେ ରାଜା ଥିଲେ। କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ । ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡ଼େଇଁ ପଡ଼ିବାର ଦେଖିଲେ। ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା । ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉତ୍ପନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ । ଅତି ଆଗ୍ରହର ସହିତ ସେ ତାର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ। ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ । ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା । କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣର ହିଁ ଚିନ୍ତନ କଲା । ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ । ପରିଣାମ ସ୍ୱରୂପ, ପରବର୍ତ୍ତୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମ ଗ୍ରହଣ କଲେ । କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ । ସେଥିପାଇଁ ହରିଣ ହେଲେ ମଧ୍ୟ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ । ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ । ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ । ଏ ସଂସାରରେ ଯେଉଁମାନେ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଇଚ୍ଛା କରନ୍ତି, ସେମାନେ ଭୌତିକ ଲାଭ ଉଦ୍ଦେଶ୍ୟରେ କର୍ମ କରନ୍ତି ନାହିଁ । ତେବେ ସେମାନେ ସାଂସାରିକ କର୍ମ କରନ୍ତି କାହିଁକି ? ତା'ର କାରଣ ଏହା ଯେ ସେମାନେ ଭଗବାନଙ୍କର ସେବା କରିବାକୁ ଚାହାଁନ୍ତି ଏବଂ ତାଙ୍କ ଖୁସି ପାଇଁ ସେମାନେ କର୍ମ କରିବାକୁ ପ୍ରେରିତ ହୁଅନ୍ତି। ଭଗବାନଙ୍କ ପ୍ରତି ବିମୁଖ ହୋଇ ଭୌତିକ ଜଗତରେ କଷ୍ଟଭୋଗ କରୁଥିବା ଜୀବାତ୍ମା ମାନଙ୍କୁ ଦେଖି ତାଙ୍କର ହୃଦୟ ତରଳି ଯାଏ ଏବଂ ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ସେମାନେ ପ୍ରେରିତ ହୋଇଥାନ୍ତି । ଏକଦା ବୁଦ୍ଧଦେବ କହିଥିଲେ, "ଭଗବତ ପ୍ରାପ୍ତି ପରେ ତୁମ ସମ୍ମୁଖରେ ଦୁଇଟି ବିକଳ୍ପ ଥାଏ- ତୁମେ କିଛି କରି ନ ପାର, ବା ଅନ୍ୟର ଭଗବତ୍ ପ୍ରାପ୍ତି କରାଇବାରେ ସାହାଯ୍ୟ କରିପାର ।" ତେଣୁ ଯେଉଁ ମାନଙ୍କର ନିଜର ସ୍ୱାର୍ଥପୂର୍ତ୍ତି ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରିବାର ନ ଥାଏ, ସେମାନେ ଭଗବତ୍ ପ୍ରୀତ୍ୟର୍ଥ କର୍ମରେ ପ୍ରବୃତ୍ତ ହୁଅନ୍ତି। ଭକ୍ତି ଯୁକ୍ତ କର୍ମ ଭଗବାନଙ୍କର କୃପା ଆକର୍ଷିତ କରିଥାଏ।


ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦


## ଫେବର

### ଡ. ଭରତ ଚନ୍ଦ୍ର ଦାଶ



ବେଶ୍
ଚର୍ଚ୍ଚାଚର୍ଚ୍ଚିତ ଶବ୍ଦଟିଏ
ମହାବିଦ୍ୟାଳୟରୁ
ବିଶ୍ୱବିଦ୍ୟାଳୟ ଯାଏ
ସଂଚରୁଛି କ୍ଷଣକୁ କ୍ଷଣ
ତାରୁଣ୍ୟର ତୂର୍ଯ୍ୟନାଦ ଭଳି
ବ୍ୟାସଭୂମିର ସୃଷ୍ଟି
ପୁଣି ତଥାକଥିତ
କାମନାପ୍ରଦୀପ୍ତ ନାରୀ
ଶରୀରଲୋଭୀ
ବ୍ୟାସଦେବଙ୍କ ମୁଖରୁ ।

ବ୍ୟାସକବି
ଜାଣି ନଥିଲେ ବୋଧେ
ଏ ଶବ୍ଦର ମାହାତ୍ମ୍ୟ
ଜାଣିଥିଲେ ଲୋ ରେବି
ଲୋ ଚୁଲି ଲୋ ନିଆଁରେ
କୁହୁଳି ନ ଥାନ୍ତା
ନାରୀ ଶିକ୍ଷାର ଚୁଲି
ରେବତୀର ଏନ୍ତୁଡିଶାଳ
ତା'ର ପାଠପଢାର ସ୍ୱପ୍ନ ।

ଫେବର
ଏମିତି ଏକ କି ଶବ୍ଦ ଯେ
ଯା'କୁ ନେଇ ଏବେ
ଜୀବନ ଯନ୍ତ୍ରଣାର ସ୍ୱର
ଗାଆଁ ଠାରୁ ଲମ୍ବିଛି ସହର ।
ଯେଉଁମାଟିର ବ୍ୟାସକବି, କବିବର
ଭକ୍ତକବି ମଧୁସୂଦନ
କରିଥିଲେ ଅଧ୍ୟାପନା
ସେ ମାଟିରେ ଏବେ
ଫେବର ବୁଣିଛି ଜହରର ବୀଜ ।

ସୌମ୍ୟା,
ତୁମେ ଏମିତି ନିଷ୍ପତ୍ତି ନେବା
ଠିକ୍ କଲନି, ନିଜକୁ
ନିଃଶେଷ କରିବା ପୂର୍ବରୁ
ବାରବାର ଶତବାର
ଆତ୍ମାର ଆହ୍ୱାନକୁ ପରଖିବାର ଥିଲା
ଭାବପ୍ରବଣତା ତୁମ ବିଚାରବୋଧକୁ
ଉପେକ୍ଷାକଲା ବୋଧହୁଏ,
ଶିକ୍ଷା, ଦୀକ୍ଷା ଓ ଜ୍ଞାନ
ପ୍ରଜ୍ଞାଲୋକକୁ
ନିଷ୍ପ୍ରଭ କଲା କେମିତି ।
ବିଦ୍ୟା ମୁକ୍ତିଦିଏ
ମୋକ୍ଷତ୍ୱ ପ୍ରାପ୍ତି କରାଏ
ଜୀବନ ଯନ୍ତ୍ରଣାରେ
ତୁମକୁ ଯନ୍ତ୍ରଣାଦଗ୍ଧ
କରିବାକୁ ନୁହେଁ।

ଗୁରୁ ଶବ୍ଦରେ
କଳଙ୍କରେ କଳଙ୍କିତ ଟୀକା
କାଳଖଣ୍ଡରେ ଏକ ଦୃଶ୍ୟମାନ
ଅଲିଭା ଦାଗ, ନିଷ୍ପ୍ରଭ ନିସ୍ତେଜ
ହେବାର ସମ୍ଭାବନା କ୍ଷୀଣ
ଅଧ୍ୟାପକ ସ୍ୱଧର୍ମ ଭଲିଲ କେମିତି
ପ୍ରଶଂସା ପ୍ରଶସ୍ତିର
ଚୌକିରେ ବସୁଥିବା ବ୍ୟକ୍ତିଟି
ଆଜି ଘୃଣାର ପାତ୍ର
ବାଃ ଫେବର ବାଃ
ତୁମେ ସତରେ ଏକ
କୀର୍ତ୍ତମାନ ପୌରଷେୟ
ଆଜି ଅପକୀର୍ତ୍ତିର
ଆଲୋଚିତ ଶବ୍ଦଟିଏ ମାତ୍ର ।


+ ପ୍ରାକ୍ତନ ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା,
ବାଲେଶ୍ୱର - ୭୫୬ ୧୨୬
ମୋ: ୮୯୮୪୪୩୯୧୬୬


## ଅବାଟ

### ଡ. ଦୀପକ କୁମାର ମିଶ୍ର



ଜିଇବା ଆଗରୁ ଶୁଣିବାକୁ ହୁଏ
ବାରବାର
ମୃତ୍ୟୁ କଥାମୃତ
ଅନ୍ତୁଡ଼ିର ନିଆଁକୁ ହିଁ ଅଣ୍ଟିରେ ଧରି
ଚାଲିବାକୁ ପଡ଼େ ଜୀବନ ତମାମ
ଜୀବନର ବାଟ ।

ତୁମେ ଯାହାକୁ ବାଟ ବୋଲି କୁହ
ସେଇଟା ତ ଗୋଟେ ଲମତମ
ଶୋଇଥିବା
ଅଳସୁଆ ଅଜଗର ସାପ
ହାତ ଧରି, କଷ୍ଟକୁ କୋଳେଇ
ଲକ୍ଷ୍ୟ ଦେଖାଇବା ଅପେକ୍ଷା
ଗିଳିବାକୁ ଇଛା ତା'ର ବେଶୀ
ବାଟୋଇର ଝାଳବୁହା
ଛଳହୀନ ଶ୍ରମ ।

ସବୁ ରାସ୍ତା ଏମିତି ବି ବଦନାମ
ବୁଢିଆଣୀ ଜାଲର ଅତୁଆତତୁଆ
ଇନ୍ଦ୍ରଜାଲ ପରି
ସ୍ୱର୍ଗ ସମ୍ମୋହନ ନାଁରେ ପେଲିଦିଅନ୍ତି
ଅନିଶ୍ଚିତତାର ଉତ୍ତାଳ ଜଳକୁ
ନଫେରେଇବାର ରୋକଠୋକ
ପ୍ରତିଶ୍ରୁତି ଦେଇ ।

ଚାଲ ଆଜିଠୁ ଅବାଟରେ ଯିବା
ବଙ୍କା, ତେଢ଼ା
କଣ୍ଟା, ତେଣ୍ଟାରେ
ଲହୁଲୁହାଣ ହେବା
ମନା ନାହିଁ,
ଅଣିଶର ଅସମ୍ମାନରେ ଭିଜିପାରେ
ଦେହ, ଦ୍ରୁମ
ଲଗାମଛଡ଼ା କହିପାରେ ନର, ଘର
ତଥାପି ପ୍ରହେଳିକାପୂର୍ଣ୍ଣ
ମୃଗ ମରୀଚିକାର ଆଉ ନହେଉ
ଜୀବନରେ
ତିଳେ ଆଗମନ ।


+ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

# କିସମିସ୍ ପାଣି ପିଇଲେ ହ୍ରାସପାଏ ଓଜନ ?

ବର୍ତ୍ତମାନ ସମୟରେ ଡ୍ରାଏ ଫ୍ରୁଟ୍ସର ଚାହିଦା ଅନେକ। ବିଭିନ୍ନ ଡ୍ରାଏ ଫ୍ରୁଟ୍ସକୁ ଭିଜାଇ ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଏହି ସବୁ ଡ୍ରାଏ ଫ୍ରୁଟ୍ସ ମଧ୍ୟରୁ କିସମିସ୍ ଅନ୍ୟତମ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥାଏ। କିସମିସ୍ ପାଣି ପିଇବା ଦ୍ୱାରା ମଧ୍ୟ ଅନେକ ଉପକାରିତା ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

ବାସ୍ତବରେ କିସମିସ ପାଣିରେ ଉପକାରୀ ଗୁଣ ରହିଛି, କିନ୍ତୁ ବେଳେବେଳେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। କିସମିସ୍ ପାଣିରି କି କି ଉପକାରୀ ଓ ଅପକାରୀ ଗୁଣ ରହିଛି, ଜାଣନ୍ତୁ...



### କିସମିସ୍ ପାଣିର ଉପକାରିତା:

ଓଜନ ହ୍ରାସ କରିବାରେ ସହାୟକ ହୁଏ: କିସମିସ୍ ପାଣିରେ କମ୍ ପରିମାଣର ପ୍ରାକୃତିକ ଶର୍କରା ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ।

ଅନ୍ତନଳୀକୁ ସଫା ରଖେ: କିସମିସରେ ଫାଇବର ଥାଏ, ଯାହା ଅନ୍ତନଳୀକୁ ସଫା ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ଶରୀରକୁ ଶକ୍ତି ଯୋଗାଏ: କିସମିସରେ ଥିବା ପ୍ରାକୃତିକ ଶର୍କରା ଶରୀରକୁ ଶକ୍ତି ଯୋଗାଇଥାଏ। ଏହି ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଦୁର୍ବଳତା ଦୂର ହୋଇଥାଏ।

### କିସମିସ୍ ପାଣିର ଅପକାରିତା:

ଅତ୍ୟଧିକ କ୍ୟାଲୋରୀ: କିସମିସରେ ଶର୍କରା ସହିତ ଅଧିକ ପରିମାଣର କ୍ୟାଲୋରୀ ଥାଏ। ତେଣୁ ଆବଶ୍ୟକତାଠାରୁ ଅଧିକ କିସମିସ୍ ପାଣି ପିଇଲେ କ୍ୟାଲୋରୀ ସ୍ତର ବୃଦ୍ଧି ପାଇପାରେ। ଯାହା ଫଳରେ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ।

ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ: କିସମିସ୍ ପାଣିରେ ଅଧିକ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଛି, ଯାହା ମଧୁମେହ ରୋଗୀଙ୍କ ପାଇଁ ପରିଚାଳନା କରିବା କଷ୍ଟକର ହୋଇପାରେ। ତେଣୁ ମଧୁମେହ ରୋଗୀ କିସମିସ୍ ପାଣି ପିଇବାରେ ସତର୍କତା ଅବଲମ୍ବନ କରିବା ଉଚିତ୍।

# ଇ-ବ୍ୟାଙ୍କିଙ୍ଗ୍ କରୁଥିଲେ ...

ସଭିଙ୍କ ପାଇଁ ବିଶେଷକରି ମହିଳାମାନେ ବାହାରକୁ ଗଲେ ପର୍ସରେ କ୍ୟାଶ୍ ରଖି ଯାଉଥିବାରୁ ଟଙ୍କା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ରହିଥାଏ; ଯାହାକି ଇ-ବ୍ୟାଙ୍କିଙ୍ଗ ଆସିବା ପରଠୁ ବହୁମାତ୍ରାରେ କମିଯାଇଛି। ହେଲେ ଏଥିରେ ବି ବିଭିନ୍ନ ସମସ୍ୟାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଇ-ବ୍ୟାଙ୍କିଙ୍ଗ କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ...

ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକରମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ। ବ୍ୟାଙ୍କିଙ୍ଗ୍ କରୁଥିଲେ ଟ୍ରାଞ୍ଜାକ୍ସନ ସରିବା ପରେ ଲଗ୍‌ଆଉଟ୍ କରନ୍ତୁ। ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ପର୍ସନାଲ କମ୍ପ୍ୟୁଟର, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ



ପବ୍ଲିକ୍ କମ୍ପ୍ୟୁଟର କିମ୍ବା ସାଇବର କାଫେରେ ଏହା ଅସୁରକ୍ଷିତ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

# ଶରୀରର ହାଡ଼କୁ ମଜବୁତ କରିବ ଏହି ୩ଟି ଡ୍ରାଇ ଫ୍ରୁଟ୍

ଜଣେ ଯଦି ଆପଣଙ୍କୁ ପଚାରେ- ଭାଇ ! କେମିତି ଅଛୁ... ? ଆପଣ ହଁ ଭଲ ଅଛି ବୋଲି ଲୟେଇକି କୁହନ୍ତି... ଖୁସି କେବେ କେବେ ଉତ୍ସାହିତ ହୋଇ କୁହନ୍ତି ତ ପୁଣି କେତେବେଳେ ଉଦାସ ହୋଇ କୁହନ୍ତି । ମାତ୍ର ମଣିଷ ସେତେବେଳେ ଭଲ ଅଛି ବୋଲି ଭଲରେ କୁହେ ଯେତେବେଳେ ତା ଦେହ ଭଲ ଥାଏ, ସିଏ ସୁସ୍ଥ ରୁହେ... ଶରୀର ଠିକ୍ ଥିଲେ ସବୁକିଛି ଠିକ୍ ଥାଏ ।

ତେବେ କେବେକେବେ ଆମ ଶରୀରରେ ମାନ୍ଦାପଣ ମାଡିବସେ, ଗୋଡ ହାତ ଝିମାପଣ ଘାରେ, ହାଡ ଦୁର୍ବଳ ହେବା ପରି ଲାଗେ, ଉଠିଲେ ବସିଲେ ହାଡ ଶବ୍ଦ କରେ ତେବେ ଯଦି ଆପଣ ଏସବୁ ସମସ୍ୟାର ସମ୍ମୁଖୀନ ତେବେ ଏହି ୩ଟି ଡ୍ରାଇ ଫ୍ରୁଟ୍ ଖାଆନ୍ତୁ, ଦେଖିବେ ଦେହରେ ଚମତ୍କାରିତା ଦେଖାଦେବ। ଶରୀରରେ ଭିଟାମିନ ବି-୧୨ କମିଲେ ଆନିମିଆ ଭଳି ସମସ୍ୟା ଦେଖାଦିଏ । ଦୃଷ୍ଟିଶକ୍ତି କମ୍ ହୁଏ, ପାଚନକ୍ରିୟାରେ ସମସ୍ୟା ହୁଏ, ଗୋଡ-ହାତ ଝିମଝିମ ପଡିବା ଭଳି ସମସ୍ୟା ଦେଖାଦିଏ । ଆଉ ଯଦି ଆପଣ ଜଣେ ସାକାହାରୀ ପ୍ରାଣୀ ତେବେ ଡାଏଟରେ





୩ ପ୍ରକାର ଡ୍ରାଇ ଫ୍ରୁଟ୍ ସାମିଲ କରନ୍ତୁ। ଶରୀରରେ ଭିଟାମିନ ବି-୧୨ ବଢାଇବା ପାଇଁ ପିସ୍ତା ବହୁତ ଭଲ କାମ କରେ । ଶରୀରରେ ଶକ୍ତି ଏବଂ ଲାଲ୍ ରକ୍ତ କଣିକା ବଢାଇବାର ଏକ ଭଲ ଉତ୍ସ । ଖଜୁରୀ ଶରୀର ପାଇଁ ବହୁତ ଭଲ ହୋଇଥାଏ । ଯଦି ଆପଣ ପ୍ରତିଦିନ ଖଜୁରୀ ଖାଇବା ଆରମ୍ଭ କରୁଛନ୍ତି ତେବେ ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବା ପାଇଁ ଶକ୍ତି ମିଳିବ । ଅଞ୍ଜିରରେ ଫାଇବର, ଆଇରନ, କ୍ୟାଲସିୟମ ଏବଂ ଆଣ୍ଟିଅକ୍ସିଡେଣ୍ଟସ ସହ ଭିଟାମିନ ବି-୧୨ର ମାତ୍ରା ମଧ୍ୟ ଥାଏ ।

# ମାଇଗ୍ରେନ ପାଇଁ ମହୌଷଧି ଗରମ ଗରମ ଜିଲାପି: ବାବା ରାମଦେବ ଶିଖାଇଲେ ଖାଇବାର ଉପାୟ

ଆପଣ ମାଇଗ୍ରେନର ଶିକାର ହୋଇଛନ୍ତି କି ? ମାଇଗ୍ରେନ ପାଇଁ ଆପଣ ଚିନ୍ତିତ ଅଛନ୍ତି କି ? ତାହାଲେ ଆପଣଙ୍କ ପାଇଁ ଏକ ସରଳ ସୂତ୍ର ବତେଇଛନ୍ତି ଯୋଗଗୁରୁ ବାବା ରାମଦେବ । ଯାହା ଦ୍ୱାରା ଆପଣ ମାଇଗ୍ରେନରୁ ମୁକ୍ତି ପାଇ ପାରିବେ । ମାଇଗ୍ରେନ ଏମିତି ଏକ ରୋଗ ଯାହା ଆପଣଙ୍କୁ ଦୁର୍ବଳ କରିଦେବ । ମୁଣ୍ଡବିନ୍ଧା ଏମିତି ହେବ ଯେ ସବୁକିଛି ଆପଣଙ୍କୁ ବିରକ୍ତି ଲାଗିବ । ସାଧାରଣତ ମାଇଗ୍ରେନ କେବେ କେବେ ଏକ ପାଖିଆ (ଅଧ କପାଳି) ହୁଏ ତ କେବେ ପୁଣି ଦୁଇ ପାଖିଆ ହୁଏ । ମାଇଗ୍ରେନ ପାଇଁ ଘଣ୍ଟା ଘଣ୍ଟା କିମ୍ବା କିଛି ଦିନ ଯାଏଁ ମୁଣ୍ଡବ୍ୟଥା ଲାଗିରହେ । ମାଇଗ୍ରେନର ଶିକାର ହେବା ପରେ ମଣିଷକୁ ଆଲୁଅ, ଉଚ୍ଚ ସ୍ୱର, ମାଇକ୍, ବଡ ପାଟିରେ କଥାବାର୍ତ୍ତା ଆଦି ଚିଡା ଲାଗେ । ମାଇଗ୍ରେନ କାରଣରୁ କେତେକ କ୍ଷେତ୍ରରେ ବାନ୍ତି ମଧ୍ୟ ହୋଇଯାଏ । ତେବେ ଏହି ମାଇଗ୍ରେନ ଭଳି ବଡ ସମସ୍ୟାରୁ ମୁକ୍ତି ପାଇବାକୁ ଉପାୟ କହିଛନ୍ତି ଯୋଗଗୁରୁ ବାବା ରାମଦେବ । ଇନଷ୍ଟାଗ୍ରାମରେ ଏକ ଭିଡିଓ ଛାଡି ମାଇଗ୍ରେନରୁ ମୁକ୍ତି ପାଇବାର କୌଶଳ ଶିଖାଇଛନ୍ତି ରାମଦେବ ।ତେବେ ଗରମ ଗରମ ଜିଲାପି ମାଇଗ୍ରେନରୁ ମୁକ୍ତି ଦେବ ବୋଲି ରାମଦେବ କହିଛନ୍ତି, ଭିଡିଓ ବାବା ଜିଲାପି ଛାଣୁ ଛାଣୁ କହିଛନ୍ତି- ଦେଶୀ ଗାଈ ଘିଅର ଜିଲାପି ଖାଆନ୍ତୁ, ମାଇଗ୍ରେନରୁ ମୁକ୍ତି ପାଆନ୍ତୁ । କେବଳ ମଇଦାରେ ଜିପାଲି କରିବାକୁ ବାରଣ କରିଛନ୍ତି ବାବା । କହିଛନ୍ତି, ମଇଦା ସହ କିଛି ବେସନ ଏବଂ ପନିର ମିଶାଇ ଜିଲାପି ପ୍ରସ୍ତୁତ କରନ୍ତୁ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଔଷଧ ଭଳି କାମ ଦେବ । ଗରମ ଗରମ ଜିଲାପି କ୍ଷୀରରେ ବୁଡାଇ କିମ୍ବା ଦହି ସହିତ ଖାଇଲେ ମୁଣ୍ଡବ୍ୟଥା ଦୂର ହୁଏ। ମାଇଗ୍ରେନ ପାଇଁ ଏବଂ ଶରୀରର ଶକ୍ତି ପାଇଁ ବି ଏହା ମହୋଷଧି ବୋଲି ବାବା କହିଛନ୍ତି । ଗାଈ କ୍ଷୀର କିମ୍ବା ଘିଅରେ ତିଆରି ଜିଲାପି ଖାଇବା ଦ୍ୱାରା ମସ୍ତିଷ୍କ ଏବଂ ଶରୀରକୁ ପୋଷଣ ମିଳେ । ତେବେ ଆୟୁର୍ବେଦ୍ଦିକ ଡାକ୍ତରଙ୍କ କହିବା ଅନୁସାରେ ରାବିଡି ଜିଲାପି ଖାଇବା ଦ୍ୱାରା ଅଧକପାଳି ମଧ୍ୟ ଦୂରହୁଏ। ସବୁପରେ ବି ମାଇଗ୍ରେନରୁ ମୁକ୍ତି ପାଇବା ପାଇଁ ଏସବୁ ପ୍ରଣାଳୀ ଆପଣାଇବା ପୂର୍ବରୁ ଆଉ ଥରେ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ଅନୁରୋଧ ।



# ମାଇକ୍ରୋୱେଭରେ ଭୁଲରେ ବି ଏସବୁ ଖାଦ୍ୟକୁ ଦ୍ୱିତୀୟ ଥର ଗରମ କରନ୍ତୁ ନାହିଁ



ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଲୋକେ ଗୋଟିଏ ଥର ରୋଷେଇ କରି ଏହାକୁ ଗରମ କରି ଖାଇବାରେ ଅଭ୍ୟସ୍ତ। ଏଥିପାଇଁ ମାଇକ୍ରୋୱେଭର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ହେଲେ ଜାଣନ୍ତି କି, ମାଇକ୍ରୋୱେଭରେ ଖାଦ୍ୟକୁ ବାରମ୍ବାର ଗରମ କରିବା ଦ୍ୱାରା ଏହାର ସ୍ୱାଦ ଏବଂ ପୁଷ୍ଟିକର ଉପାଦାନ ନଷ୍ଟ ହୋଇଯାଏ ? ଆଜ୍ଞା ହଁ, ଅନେକ ପ୍ରକାର ଖାଦ୍ୟ ଅଛି, ଯେଉଁଗୁଡିକୁ ଏକାଧିକ ଥର ମାଇକ୍ରୋୱେଭରେ ଗରମ କରିବା ଦ୍ୱାରା ଏହାର ପୁଷ୍ଟିକର ଉପାଦାନ ନଷ୍ଟ ହୋଇଯାଏ। ତେବେ ଏସବୁ ଖାଦ୍ୟ କଣ, ଜାଣନ୍ତୁ...

ମାଇକ୍ରୋୱେଭରେ କ'ଣ ଗରମ କରିବା ଉଚିତ୍ ନୁହେଁ?

ଅଣ୍ଡା ଏବଂ ଏଥିରୁ ତିଆରି ଖାଦ୍ୟ - ସିଝା ଅଣ୍ଡାକୁ ଆଦୌ ମାଇକ୍ରୋୱେଭରେ ଗରମ କରନ୍ତୁ ନାହିଁ। ଏହା ବ୍ୟତୀତ, ମାଇକ୍ରୋୱେଭରେ ଅଣ୍ଡାରୁ ନିର୍ମିତ ଖାଦ୍ୟକୁ ମଧ୍ୟ ଗରମ କରି ଗରମ କରି ଖାଆନ୍ତୁ ନାହିଁ।

ମାଂସ- ଅଧିକାଂଶ ଲୋକ ନନଭେଜ ଖାଦ୍ୟକୁ ଗରମ କରି ଖାଇବା ପାଇଁ ପସନ୍ଦ କରନ୍ତି। ବାସ୍ତବରେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଓଭେନରେ ଏହି ପ୍ରକାର ଖାଦ୍ୟ ଗରମ କରିବା ଦ୍ୱାରା ସ୍ୱାଦରେ ପରିବର୍ତ୍ତନ ଆସିଥାଏ। ଏହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

ସବୁଜ ପତ୍ରଯୁକ୍ତ ପନିପରିବା - ସବୁଜ ପତ୍ରଯୁକ୍ତ ପନିପରିବାକୁ ଓଭେନରେ ଗରମ କରିବାକୁ ବାରଣ କରାଯାଏ। ପାଳଙ୍ଗ ଓ ଅନ୍ୟାନ୍ୟ ପ୍ରକାର ଶାଗକୁ ଓଭେନରେ ଦ୍ୱିତୀୟ ଥର ଗରମ କରିବା ଅନୁଚିତ୍। ସବୁଜ ପନିପରିବାରେ ନାଇଟ୍ରେଟ୍ ଥାଏ, ଦ୍ୱିତୀୟ ଥର ଗରମ କରିବା ଦ୍ୱାରା ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପାଲଟିଯାଏ, ଯାହା କ୍ୟାନସର ଭଳି ମାରାତ୍ମକ ରୋଗ ବିପଦ ଆଶଙ୍କାକୁ ବୃଦ୍ଧି କରିପାରେ।

ଫ୍ରାଏଡ୍ ଖାଦ୍ୟକୁ- ମାଇକ୍ରୋୱେଭରେ ଫ୍ରେଞ୍ଚ୍ ଫ୍ରା ଏବଂ ପକୋଡା ପରି ଫ୍ରାଏଡ୍ ଖାଦ୍ୟକୁ ଗରମ କରିବା ଠାରୁ ଦୂରେଇ ରୁହନ୍ତୁ। ମାଇକ୍ରୋୱେଭରେ ଫ୍ରାଏଡ ଖାଦ୍ୟ ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଚା'- ମାଇକ୍ରୋୱେଭରେ ଚା' ମଧ୍ୟ ଗରମ ନ କରିବା ଉଚିତ୍। ପ୍ରଥମତଃ ଚା ତିଆରି କରି ଦୀର୍ଘ ସମୟ ରଖିବା ଦ୍ୱାରା ଏହା ଖରାପ ହୋଇ ଯାଇଥାଏ, ଯଦି ପୁନର୍ବାର ଏହାକୁ ମାଇକ୍ରୋୱେଭରେ ଗରମ କରୁଛନ୍ତି ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଆହୁରି ହାନିକରାକ ହୋଇପାରେ।

## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।



# ପୂର୍ବାଗ୍ରହ ରହିତ ବ୍ୟାପକ ପଠନ ଓ ସାମାଜିକ ସଂପୃକ୍ତି ଯୁବ ସାହିତ୍ୟିକଙ୍କ ଧ୍ୟେୟ ହେଉ

ବଲାଙ୍ଗିର, ୧୫/୦୭ (ନି.ପ୍ର): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ସାରସ୍ୱତ ସାହିତ୍ୟ ପତ୍ରିକା ସୃଜନ ସଳିତା ନବନୀତା ଯୁବ ସାହିତ୍ୟିକ ସମାବେଶ 'ପଲ୍ଲବନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲୋକସଭା ସାଂସଦ, ବରଗଡ଼ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ବିଶିଷ୍ଟ ସାହିତ୍ୟିକ ଡ଼. ବାସୁଦେବ ସୁନାନୀ ମୁଖ୍ୟବକ୍ତା ଓ ଲେଖକ ତଥା ସାମାଜିକ କର୍ମୀ ସରୋଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏ ଅବସରରେ ସୃଜନ ସଳିତା ନବନୀତାର 'ପଲ୍ଲବନ' ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ନ' ଜଣ ଯୁବ ଲେଖକ ଲେଖିକା ଯଥା କେତନ ରଣା, ଚନ୍ଦନ ନାଗ, ବିକେଶ୍ ସାହୁ, ଚିତ୍ତରଞ୍ଜନ ପ୍ରଧାନ, ପ୍ରଜ୍ଞାପ୍ରଭା କୁଅଁର, ପୁଣ୍ୟଦୀପା ଖମାରୀ, ରମାକାନ୍ତ ନାଏକ ଓ ରଜତ ବଂଶଲ ଆଦିଙ୍କୁ ଶଦ୍ଧ ସମ୍ମାନ ପ୍ରଦାନ ପୂର୍ବକ ଉପଢୌକନ, ଉତ୍ତରୀୟ ଓ ଫୁଲ ଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ପ୍ରାରମ୍ଭରେ ସମସ୍ତ ଅତିଥି ପୁଷ୍ପ ବୃକ୍ଷକୁ ଜଳଦାନ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ପରେ ସହକାରୀ ପ୍ରଧ୍ୟାପକ ଡ଼. କୌତୁକ ପନ୍ଦର ଓ ଅଧ୍ୟାପକ ଡ଼. ଜଗନ୍ନାଥ ସାହୁ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ । ଏ ଅବସରରେ ଡ଼. ବାସୁଦେବ ସୁନାନୀଙ୍କ ରଚିତ ପ୍ରଥମ ଗଳ୍ପ ପୁସ୍ତକ 'ଗହଁଟିଆର ଛେଳି' ଓ କବି ବଳବନ୍ତ ସାହୁଙ୍କ ପ୍ରଥମ କବିତା ସଂକଳନ 'ଧାନଫୁଲ' ପୁସ୍ତକ ଉନ୍ମୋଚିତ ହୋଇଛି । ଏ କ୍ରମରେ ସମ୍ବର୍ଦ୍ଧିତ ଲେଖକ ଓ ଲେଖିକାମାନେ ସ୍ୱରଚିତ କବିତା ଓ ଗଳ୍ପ ପଠନ ସହ ନିଜ ସୃଜନ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ ।ମୁଖ୍ୟଅତିଥି ସାଂସଦ ପୁରୋହିତ ସ୍ୱାଧୀନତା ଆନ୍ଦୋଳନ ଓ ଜନ ଆନ୍ଦୋଳନ ପରିପ୍ରେକ୍ଷୀରେ ଏହା ସୁସ୍ପଷ୍ଟ ଯେ, ମଣିଷକୁ ଚେତନଶିଳ କରିବାରେ ସାହିତ୍ୟର ଭୂମିକା ଅତୁଳନୀୟ । ମୁଖ୍ୟବକ୍ତା ଡ଼. ବାସୁଦେବ ସୁନାନୀ ମଣିଷଜାତିର ମଣିଷ ହେବା ପ୍ରକ୍ରିୟା ଏବେବି ଜାରି ରହିଛି ଏବଂ ମାନବୀୟ ସମ୍ବେଦନା ଯୁକ୍ତ ପ୍ରତିକ୍ରୀୟଶିଳତା ହିଁ ସାହିତ୍ୟକୁ ପରିପୁଷ୍ଟ କରିଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ସରୋଜ ଆସନ୍ତା କାଲିର ସାହିତ୍ୟରେ ପୂର୍ବଗ୍ରହ ରହିତ ପରିଦୃଷ୍ଟି ନ ରହିଲେ କୃତିମ ବୁଦ୍ଧିମତାଆମ ସୃଜନଶିଳତାକୁ ମାରିଦେବ କି ବୋଲି ଆଶଙ୍କା ପ୍ରକାଶ କରିଥିଲେ । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ସମେତ ବିଭିନ୍ନ ପଡୋଶୀ ଜିଲ୍ଲାରୁ ବିଶିଷ୍ଟ ସାହିତ୍ୟିକ ଓ ଗୁଣମୁଗ୍ଧ ପାଠକଙ୍କ ସଂଖ୍ୟାଧିକ ଯୋଗଦାନ ଏହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲା । କାର୍ଯ୍ୟକ୍ରମରେ ସୃଜନ ସଳିତା ନବନୀତାର ସମ୍ପାଦକ ରାଜେଶ ଝାଙ୍କର ସ୍ୱାଗତ ଭାଷଣ ଦେଇଥିବାବେଳେ ପରିଚାଳନା ସମ୍ପାଦକ ଯୁଜେଷ୍ଟି ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କେରଳା ଇଂରାଜୀ ମିଡ଼ିଅମ୍ ସ୍କୁଲରେ ଛାତ୍ର ଆତ୍ମହତ୍ୟା ଘଟଣା : ହତ୍ୟା ମାମଲା ରୁଜୁ , ପୋଲିସର ତଦନ୍ତ ଜାରି

ଚମ୍ପୁଆ, ୧୫/୦୭ (ନି.ପ୍ର): କେରଳା ଇଂରାଜୀ ମିଡ଼ିଅମ୍ ସ୍କୁଲର ଛାତ୍ର ମୃତ୍ୟୁ ଘଟଣାରେ ଚମ୍ପୁଆ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଥାନା କେସ ନଂ ୧୮୭/୨୫ ରେ ମାମଲା ରୁଜୁ କରି ଭିଏନଏସ ଦଫା ୧୦୩(୧) ଓ ୩(୫) ଅନୁସାରେ ହତ୍ୟା ମାମଲା ରୁଜୁ କରିଛି । ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ପୋଲିସ ଘଟଣାର ବିଭିନ୍ନ ଦିଗକୁ ତନ୍ନତନ୍ନ କରି ଯାଂଚ୍ କରୁଛି । ସ୍କୁଲକୁ ଯାଇ ସମ୍ବନ୍ଧିତ ବ୍ୟକ୍ତି ବିଶେଷଙ୍କୁ ପଚରା ଉଚରା କରିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତକୁ ବ୍ୟାପକ କରିଛି । ଗତକାଲି ଘଟିଥିବା ଛାତ୍ର ମୃତ୍ୟୁ ମାମଲାକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା ଜୋର୍ ଧରିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ନିରବତା ଅନେକ ପ୍ରଶ୍ନବାଚି ସୃଷ୍ଟି କରିଛି । ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଅନ୍ତେବାସୀ ବିଶେଷ କରି ଛାତ୍ର ମାନଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି । ଶୃଙ୍ଖଳା ନାମରେ ସାମାନ୍ୟ କଥାରେ ନିର୍ମମ ଭାବେ ମାରପିଟ୍ କରାଯାଉଛି । ଯାହାକୁ ସହ୍ୟ କରି ନପାରି କ୍ରିଷ୍ଣା ହଷ୍ଟେଲ ଛାତରୁ ଡେଇଁ ପଡ଼ିଥିବା ନେଇ କ୍ରିଷ୍ଣାଙ୍କ ପିତା ସୁଧାଂଶୁ ପ୍ରଧାନ ଚମ୍ପୁଆ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ହଷ୍ଟେଲ ୱାଡେନ୍ ନିୟମିତ ଭାବେ ତାଙ୍କ ପୁଅକୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବାରୁ ତାଙ୍କ ପୁଅର ମୃତ୍ୟୁ ଘଟିଲା ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି । ପରିବାର ଲୋକେ ଡାକ୍ତରଖାନାରେ ପହଂଚିବା ସମୟରେ କ୍ରିଷ୍ଣାଙ୍କ ମୃତଦେହ ଷ୍ଟ୍ରେଚର ଉପରେ ପଡ଼ିଥିବା ଦେଖିଥିଲେ । କ୍ରିଷ୍ଣାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ସହ ମାଡର ଦାଗ ଥିବା ନେଇ ଅଭିଯୋଗରେ ଦର୍ଶାଇ ଛନ୍ତି । ଅନ୍ୟପଟେ ଗତକାଲି କିଛି ଗଣମାଧ୍ୟମ ପ୍ରତିନିଧି ସ୍କୁଲ୍ କୁ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ବାଳକ ଛାତ୍ରାବାସରୁ ଅନ୍ତେବାସୀ ମାନେ ଏକ କାଗଜରେ ନିର୍ଯାତନା ବିଷୟରେ ଉଲ୍ଲେଖ କରି ତଳକୁ ଫୋପାଡି ଥିଲେ । ସେଥିରେ ଶୁକ୍ରବାର ଦିନ ରାତିରେ କିଛି ଛାତ୍ରଙ୍କୁ ନିର୍ମମ ଭାବେ ମାଡ଼ ମରାଯାଇଥିବା ନେଇ ଉଲ୍ଲେଖ କରାଯାଇଥିଲା । ଏ ବିଷୟରେ କିଛି ଛାତ୍ର ନିଜ ଅଭିଭାବକ ମାନଙ୍କୁ ଅବଗତ ମଧ୍ୟ କରିଛନ୍ତି । ଘଟଣା ପ୍ରଘଟ ଭୟରେ ଓ ତଦନ୍ତକୁ ବାଟବଣା କରିବା ପାଇଁ ମୃତ ଛାତ୍ରଙ୍କ ସହପାଠୀ ମାନଙ୍କୁ ଚୁପ୍ ରହିବାକୁ ଚାପ ପ୍ରୟୋଗ ହୋଇଥିବା ନେଇ ଚର୍ଚ୍ଚା ହେଉଛି । ଗତକାଲି ସକାଳ ସାଢ଼େ ପାଞ୍ଚଟାରେ ଘଟଣା ଘଟିଥିବା ବେଳେ ପରିବାର ଲୋକଙ୍କୁ ଦୀର୍ଘ ଦେଢ଼ ଘଣ୍ଟା ପରେ ଖବର ଦିଆଯିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକୃତ ଘଟଣାକୁ ଲୁଚାଇଥିବା ନେଇ ଘର ଲୋକେ କହିଛନ୍ତି । ଗତକାଲି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପାଇଁ ଘର ଲୋକେ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଧରା ଛୁଆଁ ଦେଉନଥିଲେ । ଯେଉଁଥି ପାଇଁ ଦୀର୍ଘ ୧୧ ଘଣ୍ଟା ଧରି ଡାକ୍ତରଖାନା ପରିସରରେ ମୃତଦେହ ପଡ଼ି ରହିଥିଲା । ଶେଷରେ ଜିଲ୍ଲା ଓ ଚମ୍ପୁଆ ପ୍ରଶାସନର ଉଚ୍ଚ ଅଧିକାରୀ ମାନେ ହସ୍ତକ୍ଷେପ କରିଥିଲେ । ନିରପେକ୍ଷ ତଦନ୍ତ ସହ କଡ଼ା କାର୍ଯ୍ୟାନୁଷ୍ଠାନର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେବା ପରେ ଲାଗି ରହିଥିବା ଅଚଳାବସ୍ଥା ହଟିଥିଲା । ଏହି ଘଟଣାରେ ଜନ ଭାବନାକୁ ଦୃଷ୍ଟିରେ ରଖି ସଠିକ୍ ତଦନ୍ତ ସହ ପୀଡ଼ିତ ପରିବାରକୁ ନ୍ୟାୟ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି ୬ଟି ଶ୍ରେଣୀର ପାଠପଢ଼ା

ବଲାଙ୍ଗିର, ୧୫/୦୭ (ନି.ପ୍ର): ପାଟଣାଗଡ଼ ବ୍ଲକ ଦାବକାନୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ଗୃହରେ ୬ଟି ଶ୍ରେଣୀର ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ଏନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ବାରମ୍ବାର ଶିକ୍ଷା ବିଭାଗ ଓ ବ୍ଲକ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି । ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପ୍ରାଥମିକ ବିଦ୍ୟାଳୟଟି ଅଞ୍ଚଳର ଏକ ପୁରୁଣା ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠପଢ଼ିବା ପାଇଁ ସୁବିଧା ରହିଛି । ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାର ନୂତନ ଭାବେରେ ଶିଶୁ ବାଟିକାକୁ ସଂଯୋଗ ଅଧ୍ୟୟନ କରିଛନ୍ତି । ତେବେ ସ୍କୁଲରେ ମାତ୍ର ଦୁଇଟି ଶ୍ରେଣୀ ଗୃହ ଥିବାରୁ ପୂର୍ବରୁ ମଧ୍ୟ ପାଠପଢ଼ାରେ ବ୍ୟାଘାତ ହେଉଥିଲା । ଗୋଟିଏ ଶ୍ରେଣୀ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ବର୍ତ୍ତମାନ ତାହା ବର୍ଷା ଯୋଗୁ ଭୁଶୁଡି ପଡ଼ିଛି । ବର୍ତ୍ତମାନ ସ୍କୁଲ ପରିସରରେ ଥିବା ଗୋଟିଏ ଶ୍ରେଣୀ ଗୃହରେ ୬ ଗୋଟି ଶ୍ରେଣୀର ଛାତ୍ରଛାତ୍ରୀମାନେ ଏକାଠି ବସି ପାଠ ପଢୁଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ ଏକ ଛୋଟ କୋଠରୀ ଭିତରେ ୬ ଟି ଶ୍ରେଣୀର ୩୮ ଜଣ ଛାତ୍ରଛାତ୍ରୀ ଏକାଠି ବସି ପାଠ ପଢୁଥିବା ବେଳେ ପାଠପଢାରେ ସମ୍ପୂର୍ଣ୍ଣ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଶିକ୍ଷକମାନେ ଅଭିଯୋଗ ଆଣିଛନ୍ତି । ତେଣୁ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଅଧିକାରୀ ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଅନୁରୋଧ କରିଛନ୍ତି ।

# ଡେରାବିଶ ବ୍ଲକରେ ଜନ ଅଭିଯୋଗ ଶୁଣାଣୀ

କେନ୍ଦ୍ରାପଡ଼ା, ୧୫/୦୭ (ନି.ପ୍ର): ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଆଜି ଡେରାବିଶ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଆଜିର ଅଭିଯୋଗ ଶୁଣାଣୀରେ ମୋଟ ୩୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୩୩ ଟି ବ୍ୟକ୍ତିଗତ ଥିବାବେଳେ ୬ ଟି ସାମୂହିକ ରହିଥିଲା । ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କୋଟରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକର ବିଡ଼ିଓ, ତହସିଲଦାର ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ପ୍ରଧାନ ପଞ୍ଜିକୃତ ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବା ଉପରେ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯେ, ଆସନ୍ତା ୨୧ ଜୁଲାଇରେ ଗରଦପୁର ପଂଚାୟତ ସମିତି ଏବଂ ୨୮ ତାରିଖ ଦିନ ରାଜନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ ।

# ପରମେଶ୍ୱର ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୧୫/୦୭ (ନି.ପ୍ର): ଯାଜପୁର ବ୍ଲକ ରୁଦ୍ରପୁର ପଂଚାୟତସ୍ଥ ନୀଳକଣ୍ଠପୁର କ୍ଲଷ୍ଟର ଅନ୍ତର୍ଗତ ବଡବାଗସାହି ପରମେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ସହକାରୀ ଶିକ୍ଷକ ଜଟାଧାରୀ ପ୍ରଧାନ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ଡ. ଭାଗ୍ୟଧର ସାହୁ ଓ ସମ୍ମାନୀତ ଅତିଥିଭାବେ ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘର ସମ୍ପାଦକ ରଂଜନ କୁମାର ଦାସ ପ୍ରମୁଖ ଯୋଗ ଦେଇ ଶିକ୍ଷକ ଜୀବନରେ ଅବସର ନ ଥାଏ,ଅବସର କେବଳ ଏକ ଚାକିରୀ ଜୀବନର ବିଧି ବ୍ୟବସ୍ଥା ବୋଲି ମତବ୍ୟକ୍ତ କରିଥିଲେ । ବିଦାୟୀ ଶିକ୍ଷକ ଶ୍ରୀ ପ୍ରଧାନ ତାଙ୍କ ଚାକିରୀକାଳ ଭିତରେ ଅନେକ ଛାତ୍ରଛାତ୍ରୀମାନଙ୍କୁ ଗଢି ତୋଳିବାରେ ବେଶ୍ ସହାୟକ ହୋଇଥିବା ନେଇ ସହକାରୀ ଶିକ୍ଷକ ,ଅବିଭାବକ ଓ ପୂର୍ବତନ ଛାତ୍ରମାନେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅତିଥିମାନେ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ,ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା ଓ ଅବିଭାବକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବଶେଷରେ ବିଦ୍ୟାଳୟ ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ପ୍ରଧାନଙ୍କୁ ତାଙ୍କ ବାସଭବନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ।

# ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍‌ବକ୍ସିଂରେ ବଲାଙ୍ଗୀରର ସଫଳତା

ବଲାଙ୍ଗୀର, ୧୫/୦୭ (ନି.ପ୍ର): ଅନୁଗୁଳ ଇଣ୍ଡୋର ଷ୍ଟାଡିୟମରେ ୧୧ ଜୁଲାଇରୁ ୧୩ ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ୱାକୋ ଓଡିଶା ରାଜ୍ୟସ୍ତରୀୟ କିକ୍‌ବକ୍ସିଂ ଚମ୍ପିୟାନସିପ୍ ରେ ବଲାଙ୍ଗିର ଜିଲ୍ଲା ଆମେଚ୍ୟୁର କିକ୍‌ବକ୍ସିଂ ଦଳର ସଫଳତା ମିଳିଛି । ସଂଘର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠଙ୍କ ତତ୍ତ୍ୱାବଧାନରେ କୋଚ ଜିତେନ୍ଦ୍ର ପୃଷ୍ଟି, ମଳୟ କୁମ୍ଭାର, ଟିମ୍ ମ୍ୟାନେଜର ବଦ୍ରିନାଥ ହୋତା ତଥା ୧୯ ଜଣ ପ୍ରତିଯୋଗି ଭାଗ ନେଇଥିଲେ । ସିନିୟର ବର୍ଗରେ ମୁରଲି ମହାକୁର ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ଜୁନିୟର ବର୍ଗରେ ଅଭିପ୍ସା ହୋତା ୨ଟି ସ୍ୱର୍ଣ୍ଣ, ବୀଣାପାଣି ସାହୁ ରୌପ୍ୟ ପଦକ, ଅମିତ ପାତ୍ର ରୌପ୍ୟ ପଦକ, ସତ୍ୟନାରାୟଣ ସାହୁ ରୌପ୍ୟ, ଚୈତନ କବାଟ ଦୁଇଟି କାଂସ୍ୟ, ପୁନମ କବାଟ ରୌପ୍ୟ, ଅକ୍ଷ୍ୟା ରାଜପୁତ ରୌପ୍ୟ, ଜୟକିଶାନ ଉଗ୍ରେଙ୍କର ଗୋଟିଏ କାଂସ୍ୟ, ମନଜିତ ସାହୁ ଦୁଇଟି କାଂସ୍ୟ, କିରନ ସେଠ ଗୋଟିଏ ରୌପ୍ୟ, ସୀତା ବରିହା ଗୋଟିଏ ରୌପ୍ୟ ଓ କାଂସ୍ୟ, ରୋଶନ ସେଠ ଗୋଲ୍ଡ ପଦକ ହାସଲ କରିଛନ୍ତି । ଏହି ଚମ୍ପିୟାନସିପ୍ ରେ ଜିଲ୍ଲା ସଂପାଦକ ଭଗବାନ କୁମ୍ଭାର, ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ ରେଫରି ଓ ଜଜ୍ ଦାୟିତ୍ୱ ତୁଲାଇଥିଲେ । ବଲାଙ୍ଗୀର କିକ୍ ବକ୍ସିଂ ସଂଘରୁ ସର୍ବ ଭାରତୀୟ ବରିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତା ରେ ଦୁଇ ଜଣ ଖେଳାଳି ମୁରଲି ମହାକୁର ଓ କ୍ରୀଷ୍ଟା ସେଠ ମନୋନିତ ହୋଇଛନ୍ତି । ସଂଘର ସଭାପତି ଅଯୋଧ୍ୟା ମିଶ୍ର, କରାଟେ ସଂଘର ସଂପାଦକ ହୃଦୟ ଶବର, ସୁରେନ୍ଦ୍ର ସାହୁ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ରାଜସ୍ୱ ଅମଲା ସଂଘର ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସ୍ଥଗିତ

ଜୟପୁର, ୧୫/୦୭ (ନି.ପ୍ର): ରାଜସ୍ୱ ଅମଲା ସଂଘର ଅନିର୍ଦ୍ଧିଷ୍ଟ କାଳ କାଯ୍ୟ ବନ୍ଦ ଆନ୍ଦୋଳନ ସ୍ଥଗିତ ରହିଛି । ମନ୍ତ୍ରୀ ଓ ବିଭାଗୀୟ ସଚିବ ଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ବନ୍ଦ ରହିଛି । ୮ ଦିନ ଭିତରେ ସମୁହ ଦାବି ପୁରଣ ହେବ ବୋଲି ପ୍ରତିଶ୍ରୁତି ମେଳିବା ପରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କୁ ସ୍ଥଗିତ ରଖାଯାଇଛି । ଯଦି ଦାବି ପୁରଣ ନହୁଏ ତେବେ ଆସନ୍ତା ଅଗଷ୍ଟ ୮ ତାରିଖରୁ ପୁଣି ଆନ୍ଦୋଳନ କରାଯିବ । ଅଗଷ୍ଟ ୯ ଓ ୧୦ ତାରିଖ ଛୁଟି ଥିବାକୁ ୧୧ ତାରିଖରୁ ସମସ୍ତ ରାଜସ୍ୱ ଅମଲା କାଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି କୋରାପୁଟ ଜିଲା ରାଜସ୍ୱ ଅମଲା ସଂଘ ସଭାପତି ମନୋଜ କୁମାର ବାରିକ ଗଣ ମାଧମକୁ ସୁଚନା ଦେଇଛନ୍ତି । ଦାବି ନେଇ ଜୁଲାଇ ୭ ତାରିଖରୁ କଳା ବ୍ୟାଜ୍ ପରିଧାନ କରି ଆନ୍ଦୋଳନ ଓହ୍ଲାଇ ଥିଲେ ରାଜସ୍ୱ ଅମଲା । ୧୧ ତାରିଖ ଯାଏ କଳା ବ୍ୟାଜ ପରିଧାନ କରିଥିଲେ । ଯଦି ରାଜ୍ୟ ସରକାର ଦାବି ଗୁଡିକ ପୂରଣ ନ କରନ୍ତି ତେବେ, ଜୁଲାଇ ୧୪ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ଚେତାବନୀ ଦେଇଥିଲେ । ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସ ପି୨୦୧୭ ନିୟମ ଅନୁଯାଇ ଲେବେଲ - ୯ କୁ ବୃଦ୍ଧି କରିବା । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮ / ୧୫. ୦୩. ୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ କୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ । ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଇ । ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ରେ ରାଜସ୍ୱ ଅମଲା ମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦିଆଯାଉ । ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନା ରେ ଅନ୍ତର୍ଭୁକ୍ତ କରିବା ସମେତ ଅନ୍ୟାନ୍ୟ ଦାବୀ ଗୁଡିକ ରହିଛି ।

# ଯୁଥ୍ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଧର୍ମଶାଳା, ୧୫/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଦଳ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଚରାରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛି । ଏହି ଅବସରରେ ଧର୍ମଶାଳା ବ୍ଲକ ବୃନ୍ଦାଦେଇପୁର ପଂଚାୟତର ଦଇପୁର ଧବଳେଶ୍ୱର ଯୁଥ୍ କ୍ଲବ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ଉଦ୍ୟୋଗୀ ମୀନକେତନ ସ୍ୱାଇଁଙ୍କ ପରାମର୍ଶ କ୍ରମେ ଆକାଶି, ଶିଶୁ, କୃଷ୍ଣଚୁଡା, ଚାକୁଣ୍ଡା, ପିଜୁଳି, ଆମ୍ବ ଓ ନିମ୍ବ ଚାରାରୋପଣ କରିବା ସହ ଏହି ଚାରାର ସୁରକ୍ଷା ନିମନ୍ତେ ଏହାର ଚତୃପାର୍ଶ୍ୱର୍ରେ ବାଡ ଦିଆଯାଇଥିଲା । ପ୍ରକୃତିପ୍ରେମୀ ରସାନନ୍ଦ ଖଟୁଆ, ନାରାୟଣ ମହାନ୍ତି, ଅର୍ଜ୍ଜୁନ ସାହୁ, ସୁରେନ୍ଦ୍ର ବସ୍ତିଆ, ସନାତନ ଖଟୁଆ, ହେମନ୍ତ ମହାନ୍ତି, ପ୍ରଭାତ ରାଉତ, ଶମ୍ଭୁନାଥ ପତିହାରୀ ଓ ଧନେଶ୍ୱର ଖଟୁଆ ପ୍ରମୁଖ ଯୋଗ ଦେଇ ଚାରାରୋପଣ କରିବା ସହ ଚାରାର ସୁରକ୍ଷା ନିମନ୍ତେ ବିସ୍ତୃତ ଆଲୋଚନା କରିଥିଲେ ।

# ବାଲି ମାଫିଆଙ୍କ ଦୌରାତ୍ମ୍ୟ : ଷଠିପୁର ବୈତରଣୀ ରୋଡ ରାସ୍ତାରେ ଭାଂଗିଦେଲେ ୩ଶହ ମିଟର ଡାଇଭରସନ କାମ

କୋରେଇ, ୧୫/୦୭ (ନି.ପ୍ର): ଷଠିପୁର ଠାରୁ ବୈତରଣୀ ରୋଡ ପର୍ଯ୍ୟନ୍ତ ରାସ୍ତା ଦୋହରୀ କରଣ କାମ ଚାଲିଛି । ପୂର୍ତ୍ତ ବିଭାଗ ଅଧିନରେ ଏହି କାମ କରାଯାଉଛି । ହେଲେ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ହେଉନଥିବା ବେଳେ ବିଭିନ୍ନ ଦାବି ଉଠିଥିଲା । କିନ୍ତୁ କାମ ବିଳମ୍ବ ହେଲେ ବି ବିଧାୟକ ଆକାଶ ଦାସ ନାୟକଙ୍କ ତାଗିଦ ପରେ କାମ ଚାଲୁ କରାଯାଇଥିଲା । ହେଲେ କାମ ଆରମ୍ଭ କରାଗଲା ବେଳେ ବାଧକ ସାଜିଛନ୍ତି ବାଲି ମାଫିଆ । ରାସ୍ତା ମଝିରେ ହୋଇଥିବା ୩ଶହ ମିଟର ସିମେଂଟ ଡାଇଭରସନକୁ ବାଲି ଗାଡି ଯାତାୟତ ପାଇଁ ଭାଂଗି ଦେଇଛନ୍ତି । ଗତ ଜୁନ୍ ୨୪ ତାରିଖ ରାସ୍ତା ଓ ଗୃହନିର୍ମାଣ ବିଭଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ଏକ ଚିଠି ୫୧୯୩ରେ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଚିଠି ପ୍ରଦାନ କରାଯାଇଥିଲା । ଯେଉଁଥିରେ ଦର୍ଶାଯାଇଥିଲା ଯେ, ବୈତରଣୀ ନଦୀର ଶାଳବା, ମକୁନ୍ଦପୁର ଓ କଂଟାବଣି ତଥା ଘାଟରୁ ବାଲି ଭାରିଯାନ ଆସୁଥିବା ବେଳେ ସେମାନେ ବହୁଳ ମାତ୍ରାରେ ରାସ୍ତା ଉପରେ ପାର୍କିଂ କରୁଛନ୍ତି । ଲୋଡ ପାଇଁ ମଧ ଯିବାକୁ ଶହ ଶହ ଗାଡି ପାର୍କିଂ କରୁଛନ୍ତି । ଯାହା ଫଳରେ ନିର୍ମାଣଧିନ ରାସ୍ତା ନଷ୍ଟ ହେବା ସହ କାମ କରିବାରେ ବାଧା ଉପୁଜୁଛି । ତୁରନ୍ତ ପାଣିକୋଇଲି ଥାନାଧିକାରୀଙ୍କ ଜରିଆରେ ବାଲି ଗାଡି ବନ୍ଦ କରିବାକୁ ଲେଖାଯାଇଥିଲା । କିନ୍ତୁ, ବାଲି ଗାଡି ବନ୍ଦ କରାଯାଉନାହିଁ । ଯାହା ଫଳରେ ରାସ୍ତା କାମ ଅଗ୍ରଗତିରେ ବାଧକ ସାଜିବା ସହ ରାସ୍ତା କାମ ନଷ୍ଟ ହୋଇଯାଉଛି । ବିଭାଗ ପୁଲିସକୁ ଜଣାଇଥିଲେ ବି ଅବଧି କୌଣସି ସୁଫଳ ମିଳିନାହିଁ । ଯାହା ଫଳରେ ୩ ଶହ ମିଟର ମଝି ଡାଇଭରସନକୁ ଭଂଗାଯାଇ ବାଲି ଚାଲାଣ କରାଯାଉଛି । ଫଳରେ ଏହି ରାସ୍ତା କିପରି ହୋଇପାରିବ ତାହା ଏବେ ପ୍ରଶ୍ନବାଚୀ ହୋଇଛି । ପ୍ରକାଶ ଥାଉକି, ଏହି ରାସ୍ତାଟି ପୂର୍ବରୁ ୧୮ ଫୁଟ ରାସ୍ତା ଥିଲା । ଏବେ ଏହାର ଦୋହରୀକରଣ କରାଯାଇ ୫୦ ଫୁଟିଆ ରାସ୍ତା କରାଯାଉଛି । ରାସ୍ତାଟିକୁ ମଝିରୁ ଦୁଇଭାଗ କରାଯିବାକୁ ଠିକ କରାଯାଇଛି । ହେଲେ ଏବେ ମଝିରେ ସିମେଂଟ ତିଆରି ଡାଭରସନକୁ ଜାଣିଶୁଣି ଭାଂଗି ଦିଆଯାଇଛି । ଏପରିସ୍ଥଳେ କେବେ କାମ ସରିବ ତାହା ଆକଳନ କରିବା ସମ୍ଭବ ନୁହେଁ । ଅପରପକ୍ଷେ ଏହି ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି । ବାଲି ଭାରୀଯାନ ଚଳାଚଳ ଓ ରାସ୍ତା ଉପରେ ଭାରୀଯାନ ରଖିବା ରାସ୍ତା ଦୁରାବସ୍ଥାର ଏକ ପ୍ରମୁଖ କାରଣ ପାଲଟିଛି ।

# ବୀରମହାରାଜପୁର ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୫/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୮୮ (ଆଠାଅଶି) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୭୮ (ଅଠସ୍ତରି) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୦ ( ଦଶ) ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା । କେବଳ ୦୧ (ଏକ) ଗୋଟିଏ ଦରଖାସ୍ତ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଭାରପ୍ରାପ୍ତ ବିଡ଼ିଓ ବୀରମହାରାଜପୁର ଶ୍ରୀ ପୁରୁଷୋତ୍ତମ ଧରୁଆ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ବୀର ମହାରାଜପୁରଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ସମେତ ଅତିରିକ୍ତ ତହସିଲଦାର ବୀରମହାରାଜପୁର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ଚାରା ରୋପଣ ଓ ପରିବେଶ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ

ଗଞ୍ଜାମ, ୧୫/୦୭ (ନି.ପ୍ର): ବନ ମହୋତ୍ସବ ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନୂଣୀଘରା ଗ୍ରାମରେ ଏକ ଚାରା ରୋପଣ ଓ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ମହମଦ ଆସଲାମ, ସାଙ୍ଗଠନିକ ସମ୍ପାଦକ ପାର୍ବତୀ ପ୍ରସାଦ ପାଢ଼ୀ, ବରିଷ୍ଠ ସଦସ୍ୟ କେ ଧର୍ମରାଓ ପ୍ରମୁଖ ଯୋଗ ଦେଇଥିଲେ । ତିରିଶ ଗୋଟି ଚାରା ରୋପଣ ସହ ଉତ୍ସାହୀ ଗ୍ରାମବାସୀଙ୍କୁ ଅନେକ ଚାରା ରୋପଣ ପାଇଁ ବିତରଣ କରାଯାଇଥିଲା ।

# ମା' ମହାଲକ୍ଷ୍ମୀ ପୀଠରେ ସନ୍ଥ ପୂଜନ ଉତ୍ସବ

କୋରେଇ, ୧୫/୦୭ (ନି.ପ୍ର): ପାଣିକୋଇଲି ଅଳତିରିସ୍ଥିତ ମା ମହାଲକ୍ଷ୍ମୀ ପୀଠରେ ଶ୍ରାବଣମାସର ପ୍ରଥମ ସୋମବାର ଅବସରରେ ଏକ ସନ୍ଥ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କର୍ତ୍ତା ଦେବଦତ ରାୟ ଓ ଗାୟତ୍ରୀ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାବା ଉଦୟନାଥ ପର୍ବତ, ଆନନ୍ଦ ରାଜ, ହରିଓଁ ବାବା, ବଂଶୀ ବାବା, କାହ୍ନୁ ବାବା, ବ୍ରଜବାବା, ନାଗାଛଡା ବାବା, ଜିତୁ ଦାସଙ୍କ ନେତୃତ୍ୱରେ ୨୫ମୂର୍ତି ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ପ୍ରତ୍ୟେକ ସାଧୁସନ୍ଥଙ୍କୁ ଖଣ୍ଡୁଆପାଟଦେଇ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ପାଣିକୋଇଲି ଅଂଚଳର ସମସ୍ତ କାର୍ଯ୍ୟରତ ସମ୍ବାଦିକ ମାନଙ୍କୁ ଖଣ୍ଡୁଆପାଟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଇତ୍ୟବସରେ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ ମଧ୍ୟ କରାଯାଇଥିଲା । ଆଗାମୀ ଦିନରେ କିପରି ମାଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବ ସେ ନେଇ ସମସ୍ତଙ୍କ ମତାମତ ସହ ଆଲୋଚନା କରାଯାଇଥିଲା । ଏହି ଅବସରରେ ଏକ ନୂଆ କଥା ଦେଖିବାକୁ ମିଳିଥିଲା ।

# ଜଳବନ୍ଦୀ ଅଂଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

ରାଉରକେଲା, ୧୫/୦୭ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ଆଜି ଭୋରରୁ ରାଉରକେଲା ସହରର ବିଭିନ୍ନ ଅଂଚଳରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଥିବାର ଦେଖାଯାଇଥିଲା । ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ବସ୍ତି ଅଂଚଳରେ ଓ ତଳିଆ ଅଂଚଳରେ ରହୁଥିବା ଘର ଗୁଡିକ ପ୍ରଭାବିତ ହୋଇଛି । ଏହି ପରିପ୍ରେକ୍ଷୀରେ ପ୍ରଶାସନ ତରଫରୁ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି । ଆଜି ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ରାଉରକେଲା ସହରର ମଛଲି ବସ୍ତି ସହିତ ବିଭିନ୍ନ ଜଳବନ୍ଦୀ ଅଂଚଳ ଗସ୍ତ କରିଥିଲେ । ତାଙ୍କର ଏହି ଗସ୍ତ ସମୟରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ଉପସ୍ଥିତ ଥିଲେ । ଜିଲ୍ଲାପାଳ ଓ କମିଶନର ବର୍ଷା ଯୋଗୁଁ ପ୍ରଭାବିତ ରାଉରକେଲା ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଲୋକଙ୍କ ସ୍ଥିତି ପଚାରି ବୁଝିଥିଲେ । ଜିଲ୍ଲାପାଳ ପ୍ରଭାବିତ ଲୋକମାନଙ୍କ ସହାୟତା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଶାସନ ତରଫରୁ ନାଲାରୋଡ, ମାଲଗୋଦାମ , ଟୁଙ୍ଗରୀଟୋଲା ଅଂଚଳର ବିପନ୍ନଙ୍କୁ ରନ୍ଧା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଇଛି । ପାନପୋଷ ତହସିଲ ପକ୍ଷରୁ ପ୍ରଭାବିତ ଲୋକମାନଙ୍କୁ ପଲିଥିନ ବଂଟନ କରାଯାଇଛି । ପମ୍ପଯୋଗେ ଜଳ ନିଷ୍କାସନର ମଧ୍ୟ ବ୍ୟବସ୍ଥା କରାଯାଇଛି । ରାଉରକେଲା ମହାନଗର ନିଗମର ସମସ୍ତ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ ସ୍ଥିତି ଯାଂଚ କରିବା ସହିତ ଅଗ୍ନିଶମ ବିଭାଗ ଗଛ ହଟାଇବାରେ, ପିଡବ୍ଲ୍ୟୁଡି ବିଭାଗ ରାସ୍ତା ମରାମତିରେ ସହଯୋଗ କରିଛନ୍ତି ।

## ଜିଲ୍ଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୫ ପାଳିତ

ସମ୍ବଲପୁର, ୧୫/୭ (ନି.ପ୍ର): ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁର ତରଫରୁ ଆୟୋଜିତ ହୋଇଥିବା ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୫ ଆଜି ଉକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିକ୍ଷ କେନ୍ଦ୍ରର ମହାପ୍ରବନ୍ଧକ ଶ୍ରୀ ସତୀଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏତତ୍‌ସହିତ ସମ୍ବଲପୁରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଯୁଗ୍ମ ସିଇଓ ଓରମାସ , ଜିଲ୍ଲା ସୂଚନା ଏବଂ ପ୍ରସାରଣ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଆମନ୍ତ୍ରିତ ହୋଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁରର ଉପ ନିର୍ଦ୍ଦେଶକ ଶ୍ରୀ ଶଙ୍କର ଚରଣ ମୁର୍ମୁ ଏହି କାର୍ଯ୍ୟକ୍ରମର ପରିଚାଳନା ଭାରଗ୍ରହଣ କରି ଥିଲେ। ଏହି ସଭାରେ ବିଶ୍ୱ ଯୁବ ଦକ୍ଷତା ଦିବସର ମହତ୍ତ୍ୱ ଏବଂ ରାଷ୍ଟ୍ରଗଠନ କ୍ଷେତ୍ରରେ ଯୁବସମାଜର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନେ ଯୋଗଦାନ ଦେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା କୁଇଜ୍ ଓ ପ୍ରବନ୍ଧଲିଖନ ଇତ୍ୟାଦିରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସଭା ପରିଶେଷରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁରର କନିଷ୍ଠ ନିୟୋଜନ ଅଧିକାରୀ ଶ୍ରୀ ଲମ୍ବୋଦର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରିଥିଲେ ।

# କୋଚିଲାଖୁଣ୍ଟା ହାଇସ୍କୁଲର ୬୧ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ




ବଡ଼ସାହି , ୧୫/୭ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ କୋଚିଲାଖୁଣ୍ଟା ହାଇସ୍କୁଲର ୬୧ତମ ପ୍ରତିଷ୍ଠା ଦିବସ କୋଚିଲାଖୁଣ୍ଟା ହାଇସ୍କୁଲର ଆଲୁମିନୀ ସଭାପତି ତଥା ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ କୋଚିଲାଖୁଣ୍ଟା ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମୋହନ ଗିରି ଯୋଗଦାନ କରି ବିଦ୍ୟାଳୟର ଗାରିମାମୟ ଇତିହାସ ବିଷୟରେ ଆଲୋପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ସରପଞ୍ଚ ନରେନ୍ଦ୍ର ନାଥ ସିଂ ଯୋଗଦାନ କରି କୋଚିଲା ଖୁଣ୍ଟା ହାଇସ୍କୁରେ ଅଧ୍ୟୟନ ସମୟର କିଛି ସ୍ମୃତି କିଛି ଅନୁଭୂତି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ଅନୁଷ୍ଠାନ କବି ସଙ୍ଗମର ସଭାପତି ପ୍ରାକ୍ତନ ଶିକ୍ଷକ ବାସୁଦେବ ନାପିତ କୋଚିଲା ହାଇସ୍କୁଲର ଅବଦାନ ଅନନ୍ୟ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବରେ ପ୍ରାଥମିକ ଶିକ୍ଷକ ସଂଘ ବଡସାହି ବ୍ଲକର ସଭାପତି ତଥା ବୈଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ନିଜ ଜୀବନର ଭିତ୍ତି ପ୍ରସ୍ତର ଏହି ବିଦ୍ୟାଳୟ ବୋଲି କହିଥିଲେ, ପ୍ରାକ୍ତନ ଶିକ୍ଷା ଅନୁନିରୀକ୍ଷକ ଦୁର୍ଯ୍ୟୋଧନ ସିଂ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଞ୍ଜନ କୁମାର ମହାପାତ୍ର, ସ୍ୱେଚ୍ଛାସେବୀ ରତିକାନ୍ତ ବେହେରା ପ୍ରମୁଖ ଯୋଗଦାନ କରି ବିଦ୍ୟାଳୟର ପ୍ରତିଷ୍ଠା ଆମ ଜୀବନର ଆଲୋକ ବର୍ତ୍ତିକା ବୋଲି ପ୍ରକାଶ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାମ ଦେ ଟୁଡୁ ସଭାକାର୍ଯ୍ୟକ୍ରମ ସଂଯୋଜନା ଏବଂ ପରିଚାଳନା କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସାହୁ ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ କ୍ରୀଡା ଶିକ୍ଷକ ବଳଭଦ୍ର ବାରିକ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।

# ବେତନଟୀ ବ୍ଲକରେ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

ବେତନଟୀ, ୧୫/୭ (ନି.ପ୍ର): ନୂତନ ଭୋଟ ପରିଚୟପତ୍ର ଆବେଦନ ଏବଂ ଭୋଟ ପରିଚୟପତ୍ର ସଂଶୋଧନ ସମେତ ଭୋଗ ପରିଚୟପତ୍ର ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗକୁ ନେଇ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ବେତନଟୀ ବ୍ଲକ ସଭାଗୃହରେ ଆୟୋଜିତ ହୋଇଯାଇଛି । ବେତନଟୀ ବ୍ଲକ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ(ଜିପିଡିଓ) ସବ୍ୟସାଚୀ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ କୁମାର ସୂତାର, ବିଏଲଓ ସୁପରଭାଇଜର ସନ୍ତୋଷ ବେହେରା ପ୍ରମୁଖ ରସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ । ବେତନଟୀ ବ୍ଲକ ପେସା ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବେତନଟୀ ବ୍ଲକରେ କାର୍ଯ୍ୟରତ ଶତାଧିକ ବୁଥ୍‌ଲେବୁଲ ଅଫିସର(ବିଏଲଓ)ପ୍ରମୁଖ ଅଂଶଗ୍ରହଣ କରିଥିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବୁଥସ୍ତରୀୟ ଅଧିକାରୀମାନଙ୍କ ନିମନ୍ତେ ଏହି ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ଏବଂ ବୁଧବାର ଦୁଇଦିନବ୍ୟାପୀ ଚାଲିବାକୁଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଧାର୍ଯ୍ୟ ସମୟସୀମା ସୁଦ୍ଧା ୧୮ବର୍ଷ ଏବଂ ୧୮ବର୍ଷରୁ ତଦୁର୍ଦ୍ଧ ବ୍ୟକ୍ତି କିଭଳି ନୂତନ ଭୋଟ ପରିଚୟପତ୍ର ପାଇଁ ଆବେଦନ କରିପାରିବେ, ଭୋଗ ପରିଚୟ ପତ୍ରରେ କୌଣସି ତରଟି ରହିଥିଲେ କିଭଳି ଏହାର ସଂଶୋଧନ କରିପାରିବେ, ବିବାହକରି ଅନ୍ୟତ୍ର ବସବାସ କରୁଥିବା କିମ୍ବା ଅନ୍ୟ କୌଣସି କାରନରୁ ଅନ୍ୟତ୍ର ସ୍ଥାୟୀ ଭାବରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କ ଭୋଟର ତାଲିକା ବସବାସ କରୁଥିବା ସ୍ଥାନକୁ କିଭଳି ସ୍ଥାନାନ୍ତରଣ କରାଯାଇ ପାରିବ ଏହିଭଳି ଭୋଟ ପରିଚୟପତ୍ର ସମ୍ପର୍କୀତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସାଙ୍ଗକୁ ଏହି ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆବଶ୍ୟକ ତାଲିମ୍ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ।

## ଗ୍ରାହକ ସେବା କେନ୍ଦ୍ର ଦେଉଛି ରୋଜଗାର: ଉଦାହରଣ ସୃଷ୍ଟି କରିଛନ୍ତି ରାନି

ଉଦଳା , ୧୫/୭ (ନି.ପ୍ର): ଉଦଳା ସହର ମଧ୍ୟରେ ଗ୍ରାହକ ସେବା କେନ୍ଦ୍ର କଥା ଉଠିଲେ ସମସ୍ତେ ରାନି ବେହେରାଙ୍କୁ ବୁଝନ୍ତି। ବ୍ୟାଙ୍କ ଅଫ ଇଣ୍ଡିଆ ଦ୍ୱାରା ସହରର ୱାର୍ଡ଼ ନଂ- ୫ ଠାରେ ଖୋଲା ଯାଇଥିବା ଗ୍ରାହକ ସେବା କେନ୍ଦ୍ରର ପରିଚାଳକ 'ରାନି' ଅଟନ୍ତି । ଆଜକୁ ୧୦ ବର୍ଷ ଧରି ଗ୍ରାହକ ମାନଙ୍କୁ ବ୍ୟାଙ୍କରେ ଟଙ୍କା ଜମା ଦେବା ଓ ଉଠାଣ ପାଇଁ 'ରାନି' ବେଶ ସୁନ୍ଦର ଭାବରେ ସେବା ଯୋଗାଇ ଆସୁଛନ୍ତି । ଏଥିପାଇଁ ସେ ଉଭୟ ଗ୍ରାହକ ଓ ବ୍ୟାଙ୍କର ବିଶ୍ୱାସଭାଜନ ମଧ୍ୟ ହୋଇପାରିଛନ୍ତି । ଏହି କାରଣରୁ 'ରାନି'ଙ୍କର ଉଦଳା ସହର ମଧ୍ୟରେ ସୃଷ୍ଟି ହୋଇଛି ଏକ ସ୍ୱତନ୍ତ୍ର ପରିଚୟ । ଉଦଳା ସହରର ୱାର୍ଡ଼ ନଂ-୫ର ବାସିନ୍ଦା ସ୍ୱର୍ଗତଃ ପ୍ରଭାକର ବେହେରାଙ୍କ ୨୫ ବର୍ଷ ବୟସର କନ୍ୟା 'ରାନି' କଲେଜ ପାଠ ସାରିବା ପରେ ପଇସା ରୋଜଗାର ପାଇଁ ଏହିଭଳି ସେବା କେନ୍ଦ୍ର ଟିଏ ଖୋଲି ବ୍ୟବସାୟ ଆରମ୍ଭ କରିଥିଲେ । କର୍ତବ୍ୟରେ ନିଷ୍ଠା ଓ ଉତମ ବ୍ୟବହାର ପାଇଁ ଉଦଳା ସହର ମଧ୍ୟରେ ବିଭିନ୍ନ ମହଲରେ ଉକ୍ତ ଗ୍ରାହକ ସେବା କେନ୍ଦ୍ରର ସୁନାମ ଆଜି ଶୁଣିବାକୁ ମିଳୁଛି । ଏପରିକି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ଉପନଗରପାଳ ଲିଲି ଭୋଳ, 'ରାନି'ଙ୍କର ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଅନ୍ୟ ମାନଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି ବୋଲି କହିଛନ୍ତି ।

# ଜଳେଶ୍ୱର କଂଗ୍ରେସ ଓ ସି ପି ଆଇ (ଏମ) ପକ୍ଷରୁ ସ୍ୱର୍ଗତ ସୌମ୍ୟାଶ୍ରୀ ବିସିଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡଲ ସଭାଯାତ୍ରା




ଜଳେଶ୍ୱର, ୧୫/୭ (ନି.ପ୍ର): ଜଳେଶ୍ୱର କଂଗ୍ରେସ କମିଟି ଓ ଜଳେଶ୍ୱର ସିପିଆଇ (ଏମ) ପକ୍ଷରୁ ଆଜି ସନ୍ଧ୍ୟା ୬ ଘଟିକା ସମୟରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ଶୋଷଣ ହେବା ପରେ, ସରକାରୀ ତଥା ପ୍ରଶାସନ ତରଫରୁ ନ୍ୟାୟ ନ ମିଳିବା ଦୁଃଖରେ ସେ ଆତ୍ମାହୁତି ଦେଇଥିଲେ ଏବଂ ଗତ କାଲି ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଥିଲା ।ଏହି ପରିପ୍ରେକ୍ଷୀରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ଦାବୀରେ ଜଳେଶ୍ୱର ବଡ ବଜାର ଛକ ଠାରୁ ପଞ୍ଚମୁଖୀ ହନୁମାନ ମନ୍ଦୀର ପର୍ଯ୍ୟନ୍ତ ଏକ କ୍ୟାଣ୍ଡଲ ସୋଭାଯତ୍ରା ଯାଇ ମନ୍ଦିରରେ ଦୀପ ଜାଳି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡା, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର, ସୁଦାମ ପାତ୍ର, ସବ୍ୟସାଚୀ ଦାସ, ହରିଶଙ୍କର ଜେନା,ଅଞ୍ଜଳୀ ପ୍ରଧାନ, ଖଗେନ୍ଦ୍ର ସାମଲ, ଗତିକୃଷ୍ଣ ଦଳେଇ,ଅହଲ୍ୟା ପ୍ରଧାନ,ପ୍ରାଚୀ ପ୍ରତ୍ୟାସା ପ୍ରିୟ ଦର୍ଶିନୀ,ପ୍ରମିଳା ଦାସ,ଇପ୍ସିତା ଦାସ,ବିରେନ୍ଦ୍ର ମୁଖୀ,ସେହିପରି ସି ପି ଆଇ (ଏମ) ର ଦିଲ୍ଲୀପ କୁମାର ଗିରି,ଅକ୍ଷୟ ମିଶ୍ର, ଦିଲ୍ଲୀପ କୁମାର ପରିଡ଼ା, ପ୍ରକାସ ଦେ, ମମି ପଣ୍ଡା, ପଲ୍ଟୁ ଦାସ, ସବିତା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପଶ୍ଚିମବାଡ଼ କଂଗ୍ରେସ କମିଟିର ଉପସ୍ଥିତ ସଭାପତି ମଦନ ମହନ ପାତ୍ର, ଚନ୍ଦନ କୁମାର ଜେନା, ସରୋଜ କୁମାର ଦାସ,ବାପୁଜୀ ଦାସ, ଭ୍ୱାନୀ ସାହା ଗଣେଶ ଚନ୍ଦ୍ର ରାଉଳ, ନାଏବ ସରପଞ୍ଚ ଆରତୀ ରାଉଳ,ହରେନ୍ଦ୍ର ଗାଣ,ମଧୁସୂଦନ ଜେନା, ଜଗନ୍ନାଥ ମିର୍ଧା,ଅଜୟ ରାଉଳ ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ନବକଳେବର ଦେଖି ଅନୁଭବ ମହାନ୍ତି ହେଲେ ଭାବ ବିହ୍ୱଳ, କହିଲେ ବଡ଼ ପରଦାରେ ସୁପରଷ୍ଟାର ସ୍ୱୟଂ ଶ୍ରୀଜଗନ୍ନାଥ



ଭୁବନେଶ୍ୱର, ୧୫/୭ (ନି.ପ୍ର): ଶ୍ରୀଜଗନ୍ନାଥଙ୍କ ମହିମା, ସଂସ୍କୃତି ଓ ପରମ୍ପରାର ପ୍ରଚାର, ପ୍ରସାର ପାଇଁ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ ଅଣ୍ଟା ଭିଡି ବଡ଼ ପରଦାରେ ଶ୍ରୀଜଗନ୍ନାଥଙ୍କ ନବକଳେବରର କଥା ବସ୍ତୁକୁ ନେଇ ନିର୍ମାଣ କରିଥିବା ଚଳଚ୍ଚିତ୍ରକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଲାଗିଛି । ଓଲିଉଡ଼ ସୁପରଷ୍ଟାର ଅନୁଭବ ମହାନ୍ତି ମଧ୍ୟ ଧର୍ମପତ୍ନୀ ଜାଗ୍ରତୀଙ୍କ ସହିତ ମଧ୍ୟରାତ୍ରୀରେ ଶ୍ରୀଜଗନ୍ନାଥଙ୍କ ନବକଳେବର ଚଳଚ୍ଚିତ୍ର ଦେଖିବାକୁ ପ୍ରେକ୍ଷାଳୟକୁ ଆସିଥିଲେ । ନବକଳେବର ଟିମ୍ ଏବଂ ଶହ ଶହ ଜଗନ୍ନାଥପ୍ରେମୀ ଦର୍ଶକଙ୍କ ସହିତ ମିଶି ସମ୍ପୂର୍ଣ୍ଣ ଚଳଚ୍ଚିତ୍ରଟି ଦେଖିଥିଲେ । ଆମ ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାତା ତଥା ଯିଏ ଆମର ପ୍ରକୃତ ସୁପରଷ୍ଟାର ସ୍ୱୟଂ ଶ୍ରୀ ଜଗନ୍ନାଥଙ୍କୁ ବଡ଼ପରଦାରେ ଦେଖିବାକୁ ମିଳିଲା ବୋଲି ପ୍ରକାଶ କରିଥିଲେ । ଚଳଚ୍ଚିତ୍ରରେ ଯେଉଁ ଚରିତ୍ରମାନେ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି, ଲାଗୁଥିଲା ସେମାନଙ୍କୁ ଯେମିତି ସ୍ୱୟଂ ଜଗନ୍ନାଥ ଡାକି ଆଣିଛନ୍ତି । ଆମ ମାଟି ତଥା ଆମ ଜାତିର କାହାଣୀକୁ ନେଇ ନିର୍ମାଣ ହେଉଥିବା ଚଳଚ୍ଚିତ୍ର ସମସ୍ତ ଚଳଚ୍ଚିତ୍ରଗୁଡିକୁ ସମସ୍ତେ ମିଶି ଦେଖିବା ଏବଂ ଉତ୍ସାହିତ କରିବା ଉଚିତ ବୋଲି କହିଥିଲେ । ସାନଠୁ ବଡ଼ ପର୍ଯ୍ୟନ୍ତ ସମସ୍ତ କଳାକାରଙ୍କୁ ଏକାଠି ବସି ଚଳଚ୍ଚିତ୍ର ଦେଖିବାର ପରମ୍ପରା ନବକଳେବର ଟିମ୍ ଆରମ୍ଭ କରିଛି । ତେବେ ଓଡ଼ିଶାରେ ୫୦ଟି ପ୍ରେକ୍ଷାଳୟରେ ଫିଲ୍ମ ଚାଲୁଥିବା ବେଳେ ଅନେକ ଦର୍ଶକଙ୍କ ଅଭିଯୋଗ ରହିଛି ମଲ୍ଟିପ୍ଲେକ୍ସରେ ଚଳଚ୍ଚିତ୍ର ଚାଲୁଥିବା ଯୋଗୁଁ ଅଧିକାଂଶ ଦର୍ଶକ ଅଧିକ ମୂଲ୍ୟର ଟିକେଟ କିଣି ସପରିବାର ଚଳଚ୍ଚିତ୍ର ଦେଖିବା ସମ୍ଭବ ହୋଇପାରୁନାହିଁ । ଭୁବନେଶ୍ୱରରେ ମହାରାଜା,ଶ୍ରିୟା କମ୍ପ୍ଲେକ୍ସ , କେଶରୀ ଭଳି ଅନେକ ସିଙ୍ଗଲ ସ୍କ୍ରିନ୍ ରହିଛି ଯେଉଁଠି ଚଳଚ୍ଚିତ୍ର ପ୍ରେମୀଙ୍କ ପାଇଁ ସୁଲଭ ମୂଲ୍ୟ ରେ ଟିକେଟ ମିଳିପାରନ୍ତା ଏବଂ ପୁରା ପରିବାର ତଥା ସବୁ ବର୍ଗର ଦର୍ଶକ ଚଳଚ୍ଚିତ୍ର ଦେଖି ପାରନ୍ତେ । ୨୪ ଘଣ୍ଟାରେ ୧୦୮୦୦ ଟିକେଟ ବିକ୍ରି ହେବା ରେକର୍ଡ ହୋଇଥିଲା ଯାହାକି ସିଙ୍ଗଲ ସ୍କ୍ରିନ୍ ରେ ତାଠୁ ଢେର ଅଧିକ ଟିକେଟ ବିକ୍ରି ହୋଇପାରନ୍ତା ସହ ନୂଆ ରେକର୍ଡ ଏବଂ ସମସ୍ତ ସୁବିଧା ଓ ସୁଲଭ ମୂଲ୍ୟରେ ଦେଖି ପାରନ୍ତେ । ଏଥି ପ୍ରତି ସରକାରଙ୍କ ହସ୍ତକ୍ଷେପ ରହିବାକୁ ଅନେକ ଦର୍ଶକ ସରକାରଙ୍କୁ ନିବେଦନ ଜଣାଇଛନ୍ତି । ସାଇ ଶ୍ରଦ୍ଧା ଟେଲି ପ୍ରଡକସନ୍ସ ନିବେଦିତ 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ସୌଭାଗ୍ୟଲକ୍ଷ୍ମୀ ଜେନା। ଅନ୍ୟତମ ପ୍ରଯୋଜକ ଅଛନ୍ତି ଦିଲ୍ଲୀପ କୁମାର ଜେନା ଓ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଣୟ ଜେଠୀ । ଜଗନ୍ନାଥଙ୍କ ମହିମା ଆଧାରିତ ତଥା ତାରକା ଖଚିତ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବା ପାଇଁ କଳାକାର ଓ ଟେକ୍ନିସିଆନଙ୍କୁ ପ୍ରାୟ ତିନି ବର୍ଷ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡିଛି। ଏଥିରେ ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, ପିଙ୍କି ପ୍ରଧାନ, କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ସର ଅପା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ଶଙ୍କର , ପ୍ରିୟଙ୍କା ସାହୁ, ରଷି ପଟ୍ଟନାୟକ, ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର। ଏଥିରେ କଣ୍ଠଦାନ କରିଛନ୍ତି ଇରା ମହାନ୍ତି, ସତ୍ୟଜିତ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟବ୍ରତ ସାହୁ। ଡ. ନିର୍ମଳ ନାୟକଙ୍କ ରଚିତ' ଜଗତରେ ପାଇବୁନି ଏମିତି ଠାକୁର..' ଗୀତଟି ବେଶ ଭାଇରାଲ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଗୀତ ରଚନା କରିବା ସହିତ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି। ଚଳଚ୍ଚିତ୍ରରେ ରହିଛି ମୋଟ ସାତଟି ଗୀତ। ଗୀତଗୁଡିକ ବେଶ ଆକର୍ଷଣୀୟ ହେବା ସହ ଶ୍ରୁତିମଧୁର ହୋଇଛି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ବବି ଇସଲାମ ଓ ଜିତୁ ରାଉତ। ଚିତ୍ରୋତ୍ତଳନ କରିଛନ୍ତି ଧ୍ରୁବାନନ୍ଦ ପଣ୍ଡା। ଦୃଶ୍ୟଗୁଡିକ ସୁକୁମାର ମଣିଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଶ୍ରୀଜଗନ୍ନାଥ ଙ୍କ ନବକଳେବର ଚଳଚ୍ଚିତ୍ରରେ ସମସ୍ତ କଳାକାର ତାଙ୍କର ନିଖୁଣ ଅଭିନୟର ଯାଦୁ ଦେଖାଇଛନ୍ତି। ଆମ ପ୍ରାଣର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ନବକଳେବର ଚଳଚ୍ଚିତ୍ର ଦୀର୍ଘଦିନ ପର୍ଯ୍ୟନ୍ତ ଚାଲିବ ଏବଂ ଦର୍ଶକ ଶ୍ରୀ ଜଗନ୍ନାଥ ଙ୍କ କଥାବସ୍ତୁକୁ ଜାଣିବା ସହିତ ମନୋରଞ୍ଜନ ପାଇବେ ବୋଲି ନିର୍ଦ୍ଦେଶିକା ବିନି ସାମଲ ଆଶା ପ୍ରକଟ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭାରତ ପରୀକ୍ଷା...

ଏହି ପରୀକ୍ଷଣ ଏପରି ସମୟରେ ହୋଇଛି ଯେତେବେଳେ ବିଶ୍ୱରେ ଯୁଦ୍ଧ ଉତ୍ତେଜନା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଭାରତ ଏହାର ପ୍ରତିରକ୍ଷା କ୍ଷମତାକୁ ଆଧୁନିକୀକରଣ କରିବା ପାଇଁ ଦ୍ରୁତ ଗତିରେ କାମ କରୁଛି। ଏହି କ୍ଷେପଣାସ୍ତ୍ର ୧୫୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ଡିଆରଡିଓ ଏହି କ୍ଷେପଣାସ୍ତ୍ରକୁ ପ୍ରୋଜେକ୍ଟ ବିଷ୍ଣୁ ଅଧୀନରେ ବିକଶିତ କରିଛି। ଏହି ପରୀକ୍ଷଣ ଏପରି ସମୟରେ ହୋଇଛି ଯେତେବେଳେ ବିଶ୍ୱରେ ଯୁଦ୍ଧ ଉତ୍ତେଜନା ବୃଦ୍ଧି ପାଉଛି। ହାଇପରସୋନିକ୍ ମିସାଇଲ୍ ହେଉଛି ଏକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯାହା ଶବ୍ଦର ବେଗରୁ ପାଞ୍ଚ ଗୁଣରୁ ଅଧିକ ବେଗରେ (ମାକ୍ ୫ ବା ତା'ଠାରୁ ଅଧିକ) ଗତି କରିପାରେ। ଏହା ଅତି କ୍ଷୀପ୍ର ଗତି ଏବଂ ଚତୁର ନାଭିଗେସନ୍ କ୍ଷମତା ଯୋଗୁଁ ଶତ୍ରୁର ପ୍ରତିରକ୍ଷା ବ୍ୟବସ୍ଥାକୁ ଅତି ସହଜରେ ଏଡ଼ାଇ ଦେଇପାରେ। ଏହି ମିସାଇଲ୍‌ଗୁଡ଼ିକ ଅତ୍ୟନ୍ତ ସଠିକତାର ସହ ଲକ୍ଷ୍ୟସ୍ଥଳରେ ଆଘାତ କରିପାରେ ଏବଂ ସାଧାରଣତଃ ଯୁଦ୍ଧାସ୍ତ୍ର ବା ପାରମାଣବିକ ଅସ୍ତ୍ର ବହନ କରିବା ପାଇଁ ଡିଜାଇନ୍ କରାଯାଇଥାଏ।

### ଶୋକାକୁଳ...

ସ୍କୁଲ, କଲେଜ, ଦୋକାନ ବଜାର ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ବନ୍ଦ ରହିବ ଗାଡ଼ି ମୋଟର ଚଳାଚଳ। ଶାନ୍ତିପୂର୍ଣ୍ଣ ଭାବରେ ବନ୍ଦ ପାଳନ କରିବାକୁ ଘୋଷଣା କରିଛି କଂଗ୍ରେସ। ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଅପିଲ୍ କରିଛନ୍ତି ୭ଟି ରାଜନୈତିକ ଦଳ। ଏନେଇ ମିଳିତ ବିରୋଧୀ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟ ସ୍ତବ୍ଧ ହୋଇଯାଇଛି । ଏହି ସମୟରେ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୁଃଖ ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି, ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ଝିଅର ମୃତ୍ୟୁ ବିଜେପି ବ୍ୟବସ୍ଥା ଦ୍ୱାରା ଏକ ସିଧାସଳଖ ହତ୍ୟା ବୋଲି ସେ ଅଭିଯୋଗ କରିଛନ୍ତି । ସେହି ସାହସୀ ଛାତ୍ରୀ ଯୌନ ଶୋଷଣ ବିରୁଦ୍ଧରେ ସ୍ୱର ଉଠାଇଥିଲେ । କିନ୍ତୁ ନ୍ୟାୟ ବଦଳରେ ତାଙ୍କୁ ବାରମ୍ବାର ଧମକ, ହଇରାଣ, ଅପମାନିତ କରାଯାଇଥିଲା । ଯେଉଁମାନେ ତାଙ୍କୁ ସୁରକ୍ଷା ଦେବା କଥା, ସେମାନେ ତାଙ୍କୁ ଭାଙ୍ଗି ବାରମ୍ବାର ଭାଙ୍ଗି ଚାଲିଥିଲେ । ପ୍ରତ୍ୟେକ ଥର ପରି, ବିଜେପି ବ୍ୟବସ୍ଥା ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇ ଚାଲିଥିଲା ଏବଂ ଏକ ନିର୍ଦ୍ଦୋଷ ଝିଅକୁ ନିଜକୁ ଜାଳି ଦେବାକୁ ବାଧ କରିଥିଲା । ଏହା ଆତ୍ମହତ୍ୟା ନୁହେଁ , ଏହା ବ୍ୟବସ୍ଥା ଦ୍ୱାରା ଏକ ସଂଗଠିତ ହତ୍ୟା । ରାହୁଲ ଆହୁରି ଲେଖିଛନ୍ତି, ମୋଦି ଜୀ, ଓଡ଼ିଶା ହେଉ କି ମଣିପୁର , ଦେଶର ଝିଅମାନେ ଜଳୁଛନ୍ତି , ଭାଙ୍ଗି ପଡୁଛନ୍ତି , ଆତ୍ମହତ୍ୟା କରୁଛନ୍ତି ଆଉ ଆପଣ ଚୁପ ବସିଛନ୍ତି । ଦେଶ ଆପଣଙ୍କ ନୀରବତା ଚାହେଁ ନାହିଁ, ଏହା ଉତ୍ତର ଚାହେଁ। ଭାରତର ଝିଅମାନେ ସୁରକ୍ଷା ଏବଂ ନ୍ୟାୟ ଚାହାଁନ୍ତି । ଜୀବନ ଯୁଦ୍ଧରେ ହାରିଗଲେ ବାଲେଶ୍ୱର ଫକୀରମୋହନ କଲେଜର ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶି । ଏହାକୁ ନେଇ ସାରା ରାଜ୍ୟ ଶୋକ ପ୍ରକାଶ କରୁଥିବା ବେଳେ ଘଟଣାକୁ ନେଇ ଆକ୍ସନ ମୋଡରେ ରାଜ୍ୟପାଳ । ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଖବରକୁ ନେଇ ଗଭୀର ମର୍ମାହତ ରାଜ୍ୟପାଳ କହିଛନ୍ତି । ରାଜ୍ୟପାଳ କହିଛନ୍ତି, ଛାତ୍ରୀଙ୍କ ଅକାଳ ବିୟୋଗ ଶୁଣି ମୁଁ ଗଭୀର ମର୍ମାହତ। ଏହା କେବଳ ଏକ ଦୁଃଖଦ ଘଟଣା ନୁହେଁ, ଆମ କ୍ୟାମ୍ପସକୁ ସୁରକ୍ଷିତ ରଖିବାକୁ ଜରୁରୀ ଆବଶ୍ୟକତା ବୋଲି ମନେ ପକାଉଛି । ଆଇନ କଡ଼ା ପଦକ୍ଷେପ ନେବ, ସଂପୃକ୍ତ ବ୍ୟକ୍ତିଙ୍କୁ ଦଣ୍ଡ ମିଳିବ ।

### ୧୮ ଦିନ ପରେ ମହାକାଶରୁ ...

କାଲିଫର୍ନିଆ ଉପକୂଳରେ ଅବତରଣ କରିବେ ବୋଲି ସୂଚନା ରହିଥିଲା। ତେବେ ଆଇଏସ୍‌ଏସ୍ ଛାଡ଼ିବାର କିଛିଘଣ୍ଟା ପୂର୍ବରୁ ଶୁଭାଂଶୁ ସେଠାରେ ଏକ ଶୂନ୍ୟ ଗୁରୁତ୍ୱାକର୍ଷଣ ପରୀକ୍ଷଣକୁ ପ୍ରଦର୍ଶିତ କରିଥିଲେ। ଜଳ ମାଧ୍ୟମରେ କିପରି ସୂକ୍ଷ୍ମ ଗୁରୁତ୍ୱାକର୍ଷଣ ଦୈନନ୍ଦିନ ପଦାର୍ଥ ବିଜ୍ଞାନକୁ ରୂପାନ୍ତରିତ କରୁଛି, ତାହା ସେ ଦର୍ଶାଇଥିଲେ। ଆକ୍ସିଓମ୍-୪ ମିଶନ ଅନ୍ତର୍ଗତ ଏହି ପରୀକ୍ଷଣରେ ଶୁଭାଂଶୁ ମହାକାଶରେ ଜଳର ଅନନ୍ୟ ଆଚରଣକୁ ବୁଝାଇଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକୀୟ ମହାକାଶ ସଂସ୍ଥା (ଇସ୍ରୋ) ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ ଆକ୍ସିଓମ୍-୪ ମିଶନ ଯୋଗେ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲେ। ସେହିପରି ସେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାଇଥିଲେ।

### ୩ ମାସରେ...

ଯେଉଁ ଜିଲ୍ଲାଗୁଡ଼ିକରେ ନେଟୱର୍କ ସମସ୍ୟା ଥିଲା ସେଠାରେ ନେଟୱର୍କ ବ୍ୟବସ୍ଥା କରିଛନ୍ତି ସରକାର। ବୁଷ୍ଟର ମଧ୍ୟ ଲଗାଯାଇଛି। ୫ ବର୍ଷରୁ ଅଧିକ ବୟସ ପିଲାମାନେ ରାସନ କାର୍ଡରେ ସାମିଲ ହେବେ।

### ପୁଟିନଙ୍କ ବିରୋଧରେ...

ଖାସ ଏହି କାରଣ ପାଇଁ ଟ୍ରମ୍ପ ୟୁକ୍ରେନ ଜରିଆରେ ପୁଟିନଙ୍କୁ କଷ୍ଟ ଦେବାକୁ ଚାହୁଁଛନ୍ତି। ଟ୍ରମ୍ପ ଫୋନରେ ପୁଟିନଙ୍କ ସହ ୟୁକ୍ରେନ ଯୁଦ୍ଧ ସମ୍ପର୍କରେ କଥା ହୋଇଥିଲେ। କିନ୍ତୁ ପୁଟିନ ଯୁଦ୍ଧ ବନ୍ଦ କରିବା ସପକ୍ଷରେ ନଥିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ। ଏଥିପାଇଁ ସେ ରୁଷକୁ ୧୦୦% ଟାରିଫ ଧମକ ମଧ୍ୟ ଦେଇଛନ୍ତି। ଏକଥା ସେ ଗଣମାଧ୍ୟମ ଆଗରେ ମଧ୍ୟ କହିଛନ୍ତି। ହେଲେ ୟୁକ୍ରେନକୁ ଟ୍ରମ୍ପ ରୁଷର ଆଭ୍ୟନ୍ତରୀଣ ଅଞ୍ଚଳରେ ଆକ୍ରମଣ କରିବାକୁ ପରାମର୍ଶ ଦେଇଥିବା କଥା ଅତ୍ୟନ୍ତ ଗୋପନ ରଖିଥିଲେ। ଏବେ ବିଶେଷ ସୂତ୍ରରୁ ଏପରି ଖବର ସାମ୍ନାକୁ ଆସିଛି। ପୁଟିନଙ୍କ ସହ କଥା ହେବା ପରେ ଟ୍ରମ୍ପ ଏତେ ମାତ୍ରାରେ ରାଗି ଯାଇଥିଲେ ଯେ ସେ ସିଧା ମସ୍କୋ କିମ୍ବା ସେଣ୍ଟ ପିଟର୍ସବର୍ଗ ଭଳି ସହର ଉପରେ ୟୁକ୍ରେନ ଆକ୍ରମଣ କରିପାରିବ କି ନାହିଁ, ସେକଥା ଜେଲେନସ୍କିଙ୍କୁ ପଚାରିଥିଲେ। ସେହିପରି ୟୁକ୍ରେନକୁ ନାଟୋ ଦେଶଗୁଡ଼ିକ ମଧ୍ୟ ସାମରିକ ସହାୟତା ଯୋଗାଇ ଦିଅନ୍ତୁ ବୋଲି ଟ୍ରମ୍ପ ମତ ରଖିଛନ୍ତି। ଜୁଲାଇ ୪ରେ ଟ୍ରମ୍ପ ଫୋନ ଯୋଗେ କହିଛନ୍ତି ଯେ "ଭ୍ଲୋଡମିରି କ'ଣ ତୁମେ ମସ୍କୋକୁ ହିଟ କରିପାରିବ ? କ'ଣ ତୁମେ ସେଣ୍ଟ ପିଟର୍ସବର୍ଗରେ ଆକ୍ରମଣ କରିପାରିବ କି ?" ଏହାର ଜବାବରେ ଜେଲେନସ୍କି କହିଛନ୍ତି, "ନିଶ୍ଚିତ ଭାବେ। ଆପଣ ଯଦି ଆମକୁ ଅସ୍ତ୍ର ଯୋଗାଇ ଦେବେ, ତା'ହେଲେ ଆମେ ନିଶ୍ଚିତ ଭାବେ ହିଟ କରିବୁ।" ତେବେ ଆକ୍ରମଣ ପାଇଁ ସେଭଳି ଦୂରଗାମୀ ଲକ୍ଷ୍ୟ ଭେଦ କ୍ଷମତାର ଅସ୍ତ୍ର ଆମେରିକା ପକ୍ଷରୁ ୟୁକ୍ରେନକୁ ଦିଆଯିବ କି ନାହିଁ, ସେକଥା ସ୍ପଷ୍ଟ ହୋଇନି। ହେଲେ ଟ୍ରମ୍ପ ଏବେ ରୁଷର ଆଭ୍ୟନ୍ତରୀଣ ଅଞ୍ଚଳରେ ଆକ୍ରମଣ କରି ପୁଟିନ ଉପରେ ନିଜର ରାଗ ସୁଝାଇବାକୁ ଚାହୁଁଛନ୍ତି। ଏହାପୂର୍ବରୁ ରବିବାର ଟ୍ରମ୍ପ ଘୋଷଣା କରିଥିଲେ ଯେ ଆମେରିକା ପକ୍ଷରୁ ୟୁକ୍ରେନକୁ ଅତ୍ୟାଧୁନିକ ପାଟ୍ରିଅଟ ଏୟାର ଡିଫେନ୍ସ ମିସାଇଲ ସିଷ୍ଟମ ଯୋଗାଇ ଦିଆଯିବ। ୟୁକ୍ରେନ ନିଜର ସୁରକ୍ଷା ପାଇଁ ହକଦାର। କାରଣ ପୁଟିନ ଦିନରେ ବେଶ ଭଲ କଥା କହୁନ୍ତି, କିନ୍ତୁ ସନ୍ଧ୍ୟାରେ ସେ ସମସ୍ତଙ୍କ ଉପରେ ବୋମା ମାଡ଼ କରନ୍ତି ବୋଲି ଟ୍ରମ୍ପ କହିଥିଲେ।

### ଉତ୍ତର ଓଡ଼ିଶାରେ ...

ଏହାର ପ୍ରଭାବରେ ପଶ୍ଚିମ ଓଡିଶାର ଜିଲ୍ଲାଗୁଡିକରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଯାଜପୁର, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ଢେଙ୍କାନାଳ, ଅନୁଗୁଳ ଓ ଦେଓଗଡ଼ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି । ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଚେତାବନୀ ଦେଇଛି ପାଣିପାଗ ବିଭାଗ।

### ରାଷ୍ଟ୍ରପତିଙ୍କ ମୁହଁରେ...

ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ୩ଟି ଅଟ୍ଟାଳିକାର ପୁର୍ନବିନ୍ୟାସ ପାଇଁ ଶିଳାନ୍ୟାସ କରିଛନ୍ତି । ଏହାପରେ ଆଦିକବି ସାରଳା ଦାସଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗ ଦେଇ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିଛନ୍ତି । ଏହାପରେ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଫେରିଯାଇଛନ୍ତି ରାଷ୍ଟ୍ରପତି ।

### ପାକିସ୍ତାନୀ ନାଗରିକଙ୍କୁ ...

ଶକ୍କରଗଡ଼ (ନାରୋୱାଲ)ର ବାସିନ୍ଦା। ସେ କୌଣସି ସରକାରୀ ଅନୁମତି ବିନା ଭାରତ-ପାକ୍ ସୀମା ପାର କରିଥିଲେ। ଏହି ଅଧୀନରେ, ତାଙ୍କ ବିରୁଦ୍ଧରେ ୩-୩୪-୨୦ ଆଇପି ଆଇନ ଏବଂ ୧୪ଇ ବିଦେଶୀ ମୁଦ୍ରା (ନିୟନ୍ତ୍ରଣ) ଆଇନ ୧୯୭୩ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଡାକ୍ତରୀ ପରୀକ୍ଷା ପରେ ହିଁ ବିଏସଏଫ ଦ୍ୱାରା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବମ୍ବେ ଷ୍ଟକ ଏକ୍ସଚେଂଜକୁ ...

ଟାୱର ବିଲ୍ଡିଂରେ ଚାରିଟି ଆରଡିଏକ୍ସ ଆଇଇଡି ବମ୍ ରଖାଯାଇଛି ଓ ସେଗୁଡ଼ିକ ଦ୍ୱିପ୍ରହର ୩ଟାରେ ବିସ୍ଫୋରଣ ହେବ। ଏହି ଇ-ମେଲ୍ ପଠାଇଥିବା ବ୍ୟକ୍ତି ନିଜ ନାମ 'କମ୍ରେଡ୍ ପିନରାୟି ବିଜୟନ୍' ବୋଲି ଲେଖିଥିଲେ। ଧମକ ମିଳିବା ପରେ ବିଏସଇ ଅଧିକାରୀମାନେ ସଙ୍ଗେସଙ୍ଗେ ପୋଲିସକୁ ସୂଚନା ଦେଇଥିଲେ, ଏହାପରେ ବୋମା ନିରୋଧକ ଦଳ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ କରିଛନ୍ତି। ପୋଲିସ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ଏମଆରଏ ମାର୍ଗ ପୋଲିସ ଷ୍ଟେସନ୍‌ରେ ମାମଲା ରୁଜୁ କରାଯାଇଛି।

### ୟେମେନରେ ଭାରତୀୟ ନର୍ସ...

ବିରୋଧୀ ପକ୍ଷ ସହିତ ପାରସ୍ପରିକ ଭାବେ ଗ୍ରହଣଯୋଗ୍ୟ ସମାଧାନକୁ ଉନ୍ମୁଖ ହେବା ପାଇଁ ଅଧିକ ସମୟ ଦେଇ ଆଲୋଚନା ନିମନ୍ତେ ନିଜ ପ୍ରୟାସକୁ ଜୋରଦାର କରିଛି। ସୂତ୍ର ମୁତାବକ ପରିସ୍ଥିତି ଖରାପ ସତ୍ତ୍ୱେ ଭାରତୀୟ କୁଟନୀତିଜ୍ଞମାନେ ସ୍ଥାନୀୟ ଜେଲ ଅଧିକାରୀ ଓ ଅଭିଯୋଗପତ୍ର କାର୍ଯ୍ୟାଳୟ ସହିତ ନିୟମିତ ଯୋଗାଯୋଗ ରଖିଛନ୍ତି । ଏହି କାର୍ଯ୍ୟକଳାପ ଫାଶି ବିଳମ୍ବ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। ନିମିଷା ପ୍ରିୟାଙ୍କୁ ୨୦୧୭ ମସିହାରେ ଜଣେ ୟେମେନ ନାଗରିକ ତଲାଲ୍ ଅବ୍ଦୋ ମହଦିଙ୍କ ହତ୍ୟା ପାଇଁ ସେଠାରେ ମୃତ୍ୟୁଦଣ୍ଡ ଦିଆଯାଇଛି।

ବୁଧବାର, ଜୁଲାଇ ୧୬, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରାଜ୍ୟସ୍ତରୀୟ ଯୋଗାସନ ସ୍ପୋର୍ଟସ ଚମ୍ପିୟାନସିପରେ ମୟୁରଭଞ୍ଜର ସଫଳତା

ବାରିପଦା , ୧୫/୭ (ନି.ପ୍ର): କଟକ ସ୍ଥିତ କଳିଙ୍ଗ ବ୍ୟାୟାମଶାଳାରେ ଓଡିଶା ଯୋଗ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୩୧ ତମ ରାଜ୍ୟସ୍ତରୀୟ ଯୋଗାସନ ସ୍ପୋର୍ଟସ ଚମ୍ପିୟାନସିପରେ ମୟୁରଭଞ୍ଜର ୨୧ ଜଣ ପୁରସ୍କୃତ ହୋଇଛନ୍ତି ଓ ୮ ରୁ ୧୦ ବର୍ଷ ବାଳକ ବିଭାଗରେ ପ୍ରସାଦ ବାରିକ ୧ମ, ନିହାର ରଞ୍ଜନ ସାହୁ ୩ୟ ଏବଂ ବାଳିକା ବିଭାଗରେ ଜିଜ୍ଞାସା ମହାନ୍ତ ୩ୟ, ୧୦ ରୁ ୧୨ ବର୍ଷ ବାଳିକା ବିଭାଗରେ ତନୁଶ୍ରୀ ରାଉତ ୨ୟ, ୧୨ ରୁ ୧୪ ବର୍ଷ ବାଳକ ବିଭାଗରେ କ୍ରିଷ୍ଣା ଦାସ ୧ମ, ୧୪ ରୁ ୧୬ ବର୍ଷ ବାଳକ ବିଭାଗରେ କ୍ରିଷ୍ଣା ନାୟକ ୧ମ, ଗୋପାଳ ସିଂହ ୬ଷ୍ଠ, ୧୮ ରୁ ୨୧ ବର୍ଷ ବାଳକ ବିଭାଗରେ ପ୍ରକାଶ ବେହେରା ୧ମ, ଦେବାଶିଷ ବାରିକ ୨ୟ ଏବଂ ବାଳିକା ବିଭାଗରେ ସୁମିତ୍ରା ବାସ୍କେ ୬ଷ୍ଠ, ୨୧ ରୁ ୨୫ ମହିଳା ବିଭାଗରେ ଆରତୀ ସିଂହ, ସୀତାଦେବୀ ହେମ୍ବ୍ରମ ୨ୟ, ୨୫ ରୁ ୩୦ ବର୍ଷ ମହିଳା ବିଭାଗରେ ରେଖା ବେହେରା ୧ମ ତଥା ନୃତ୍ୟ ସହ ଯୋଗ ପ୍ରତିଯୋଗିତାରେ ୧୨ ରୁ ୧୪ ବର୍ଷ ବାଳକ ବିଭାଗରେ କ୍ରିଷ୍ଣା ଦାସ ୧ମ, ରୁଦ୍ର ନାରାୟଣ ଦାସ ୨ୟ, ୧୪ ରୁ ୧୬ ବର୍ଷ ବାଳକ ବିଭାଗରେ ଗୋପାଳ ସିଂହ ୨ୟ, କ୍ରିଷ୍ଣା ନାୟକ ୩ୟ, ୧୮ ରୁ ୨୧ ବର୍ଷ ବାଳକ ବିଭାଗରେ ପ୍ରକାଶ ବେହେରା ୨ୟ ଏବଂ ୨୧ରୁ ୨୫ ବର୍ଷ ମହିଳା ବିଭାଗରେ ସୀତାଦେବୀ ହେମ୍ବ୍ରମ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ଓ ତତସହିତ ଯୋଗ କୁମାର ଭାବେ ୧ମ ରନର୍ସ ଅପ ଭାବେ କ୍ରିଷ୍ଣା ନାୟକ ଓ ୨ୟ ରନର୍ସ ଅପ ଭାବେ କ୍ରିଷ୍ଣା ଦାସ ୨ୟ ଏବଂ ଯୋଗଶ୍ରୀ ଭାବେ ଦେବାଶିଷ ବାରିକ ପୁରସ୍କୃତ ହୋଇଛନ୍ତି ଓ ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ତରଫରୁ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଯୋଗଗୁରୁ ଜ୍ୟୋତି ରଞ୍ଜନ ଦାସ, ମୋନା ଦାସ, ହିମାନୀ ପାତ୍ର ସମେତ ବହୁ ପ୍ରଶଂସକ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବିଭିନ୍ନ କଲେଜରେ ଛାତ୍ରୀ ଆତ୍ମାହୁତି ଓ ମୃତ୍ୟୁକୁ କେନ୍ଦ୍ର କରି ହରତାଳ

ଲଙ୍ଗଳେଶ୍ୱର, ୧୫/୭ (ନି.ପ୍ର): ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମା ହୁତି ଓ ମୃତ୍ୟୁକୁ କେନ୍ଦ୍ର କରି ଆଜି ବାଲିଆପାଳର ବିଭିନ୍ନ ମହାବିଦ୍ୟାଳୟରେ ଭିନ୍ନ ଭିନ୍ନ ଛାତ୍ର ସଂଗଠନ ତରଫରୁ କେଣ୍ଡେଲ ଶୋଭାଯାତ୍ରା ଓ ହରତାଳ ହୋଇଛି । ଫଳରେ ମହାବିଦ୍ୟାଳୟ ଗୁଡିକ ରେ ଆଜି ପାଠ ପଢା ଠପ ହୋଇ ଯାଇଛି କହିଲେ ଚଳେ। ସ୍ଥାନୀୟ ସୁବର୍ଣ୍ଣ ରେଖା ମହାବିଦ୍ୟାଳୟରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଗେଟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। କଲେଜ କର୍ତ୍ତୃପକ୍ଷଙ୍କ ବୁଝାବଣା ପରେ ଗେଟରୁ ତାଲା ଫିଟି ଥିଲା। ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ଏହି ଘଟଣାକୁ



କେନ୍ଦ୍ର କରି ଛାତ୍ର ଛାତ୍ରୀ ମାନେ ଶ୍ରେଣୀ ବର୍ଜନ କରିଥିଲେ। ବାଲିଆପାଳ ବ୍ଲକ ଜଗାଇ ସ୍ଥିତ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ସୌମ୍ୟାଶ୍ରୀର ଆତ୍ମାର ସଦ ଗତି ପ୍ରାପ୍ତ ପାଇଁ ଛାତ୍ର ଛାତ୍ରୀ ମାନେ ଶ୍ରେଣୀ ବର୍ଜନ କରି କେଣ୍ଡେଲ ଶୋଭାଯାତ୍ରା କରିଥିଲେ। ଲକ୍ଷ୍ମୀପ୍ରିୟା ମହିଳା କଲେଜ ଛାତ୍ରୀମାନେ ମଧ୍ୟ ଶୋକ ମନାଇ ଥିଲେ।

## ଡୋଡାରେ ଖାଇକୁ ଖସିଲା ଯାତ୍ରୀବାହୀ ଗାଡି: ମହିଳାଙ୍କ ସମେତ ୫ ମୃତ

ଡୋଡା, ୧୫/୭: ଜମ୍ମୁ-କାଶ୍ମୀରର ପାହାଡ଼ିଆ ଅଞ୍ଚଳ ଡୋଡା ଜିଲ୍ଲାରେ ମଙ୍ଗଳବାର ଦିନ ଏକ ଓଭରଲୋଡ ଯାତ୍ରୀବାହନ ରାସ୍ତାରୁ ଖସି ଗଭୀର ଖାଇକୁ ଖସିପଡିଛି । ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ସହିତ ପାଞ୍ଚଜଣଙ୍କ ମୃତ୍ୟୁ ଘଟିଛି ଏବଂ ୧୭ ଜଣ ଲୋକ ଆହତ ହୋଇଛନ୍ତି। ଏହି ଦୁଃଖଦ ଘଟଣାରେ ଜମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଉମର ଅବ୍ଦୁଲ୍ଲା ଓ ଡେମୋକ୍ରେଟିକ୍ ପ୍ରୋଗ୍ରେସିଭ୍ ଆଜାଦ୍ ପାର୍ଟିର ଅଧ୍ୟକ୍ଷ ଗୁଲାମ ନବି ଆଜାଦ୍ ଶୋକ ପ୍ରକାଶ କରିଛନ୍ତି। ପୋଲିସ ଅନୁଯାୟୀ, ଏହି ଦୁର୍ଘଟଣା ଡୋଡା ସହରରୁ ପ୍ରାୟ ୩୦ କିଲୋମିଟର ଦୂର ପୋଣ୍ଡା ନିକଟ ଡୋଡା-ଭରଥ ସଡକରେ ସକାଳ ୯ଟା ପାଖାପାଖି ହୋଇଥିଲା, ଯେତେବେଳେ ଏକ ଟେମ୍ପୋ ଟ୍ରାଭେର୍ଲ ଚାଳକ ଏକ ମୋଡ଼ରେ ନିୟନ୍ତ୍ରଣ ହରାଇ ଦେଇଥିଲେ।

## ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର ଘଟଣାରେ ବନ୍ଧା ହେଲେ ଅଭିଯୁକ୍ତ

ବାଲିଆପାଳ , ୧୫/୭ (ନି.ପ୍ର): ଖବର ପ୍ରସାରଣକୁ ନେଇ ବାଲିଆପାଳ ବ୍ଲକରେ କାର୍ଯ୍ୟରତ ଜଣେ ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରେ ବାଲିଆପାଳ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଶ୍ରୀମତୀ ପାଣିଗ୍ରାହୀ ବାଲିଆପାଳ ଥାନାରେ ଗତ ୧୧ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାଲିଆପାଳ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନଥିଲେ। ଏ ସଂକ୍ରାନ୍ତରେ ସାମ୍ବାଦିକା ଶ୍ରୀମତୀ ପାଣିଗ୍ରାହୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟିକା ସୁବାସିନି ଜେନା, ବସ୍ତା ଏସଡିପିଓ ଙ୍କ ସମେତ ଜିଲ୍ଲା ଏସପିଙ୍କୁ ମଧ୍ୟ ଜଣାଇଥିଲେ। ମାତ୍ର କୌଣସି ସୁଫଳ ନମିଳିବାରୁ ଆଜି ବାଲିଆପାଳ ଥାନା ସମ୍ମୁଖରେ ଉତ୍ତର ବାଲେଶ୍ୱରର ସାମ୍ବାଦିକମାନେ ଗଣଧାରଣା ଦେଇଥିଲେ। ସାମ୍ବାଦିକ ମାନଙ୍କ ଗଣଧାରଣା ପରେ ବାଲିଆପାଳ ପୋଲିସ ଅଭିଯୁକ୍ତ ହେମନ୍ତ ଦାସଙ୍କୁ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳରୁ



ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଗିରଫ ହେବାର ଖବର ବସ୍ତା ଏସଡିପିଓ ଦେବା ପରେ ସାମ୍ବାଦିକ ମାନେ ଧାରଣାରୁ ଉଠିଥିଲେ। ଆଜିର ଏହି ଧାରଣାରେ ଶ୍ରୀମତୀ ପାଣିଗ୍ରାହୀଙ୍କୁ ସମର୍ଥନ ଜଣାଇ ସାମ୍ବାଦିକ ଅଜୟ ସାହୁ, ଗୋପାଳ ଚନ୍ଦ୍ର ସାହୁ, ପ୍ରକାଶ ପ୍ରଧାନ, ଉମାକାନ୍ତ ନାୟକ, ହରେକୃଷ୍ଣ ଦାସ, ପ୍ରଫୁଲ୍ଲ ପାତ୍ର,ସୁବଳ ଚନ୍ଦ୍ର ଦାସ, ପ୍ରଦୀପ ଜେନା ଦୀନବନ୍ଧୁ ପ୍ରଧାନଙ୍କ ସମେତ ବହୁ ସାମ୍ବାଦିକ ଧାରଣାରେ ବସିଥିଲେ। ଧାରଣାକୁ ସମର୍ଥନ ଜଣାଇ ମା ଘର ସ୍ୱେଚ୍ଛାସେବୀ ସଂଗଠନର ଏକାଧିକ ମା ମାନେ ଧାରଣାରେ ବସିଥିଲେ। ତେବେ ଅଭିଯୁକ୍ତ ହେମନ୍ତ ଦାସ ଜଣେ ପେଶାଦାର ଅପରାଧୀ ହୋଇଥିବା ବେଳେ ସେ ୧୮ରୁ ଅଧିକ ବିଭିନ୍ନ ଅପରାଧିକ ମାମଲାରେ ଜାମିନରେ ଆସିଛନ୍ତି। ତେବେ ଗତ ୯ତାରିଖ ଦିନ ତାଙ୍କ ନାମରେ ବାଲିଆପାଳ ଥାନାରେ ଏକ ଅଭିଯୋଗ ହୋଇଥିଲା। ଯାହାର ଖବର ସାମ୍ବାଦିକା ଶ୍ରୀମତୀ ପାଣିଗ୍ରାହୀ କରିଥିଲେ। ତେବେ ଅଭିଯୁକ୍ତ ଶ୍ରୀ ଦାସ ଗତ ରଥଯାତ୍ରା ଦିନ ବାଲିଆପାଳ ବ୍ଲକ ଛକ ନିକଟରେ ଏକ ଗହଣା ଦୋକାନ ଶୁଭାରମ୍ଭ କରିଥିଲେ। ଯାହାକୁ ଉଦଘାଟନ କରିବା ପାଇଁ ବାଲିଆପାଳ ଥାନା ଅଧିକାରୀ ଗୋବିନ୍ଦ ବେହେରା ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ରଥଯାତ୍ରା ଦିନ ବାଲିଆପାଳରେ ପ୍ରବଳ ଜନସମାଗମ ହୋଇଥାଏ। ସୁରକ୍ଷା ଦାୟିତ୍ୱରେ ଥିବା ବାଲିଆପାଳ ଥାନାଧିକରୀ ସୁରକ୍ଷା ବ୍ୟବସ୍ଥାକୁ ପଛରେ ପକାଇ ଜଣେ ଅପରାଧୀର ଦୋକାନ ଉଦଘାଟନ କରିବାକୁ ଯିବା ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ ପାଇବା ପରେ ତାଙ୍କୁ ଘଣ୍ଟଘୋଡାଇ ରଖିବା ପଛରେ ଥାନାଅଧିକାରୀଙ୍କ ସହିତ ସମ୍ପୃକ୍ତ ଅପରାଧୀଙ୍କ ମଧୁ ଚନ୍ଦ୍ରିକା ପଦାରେ ପଡ଼ିଛି। ନିକଟ ଅତୀତରେ ଡଗରା ବେଳାଭୂମିରେ ବଙ୍ଗିୟ ପର୍ଯ୍ୟାଟକଙ୍କୁ ଅସଦାଚରଣ ଘଟଣାରେ ଅଭିଯୋଗ ପାଇବା ପରେ ମଧ୍ୟ ଥାନା ଅଧିକାରୀ ଶ୍ରୀ ବେହେରା କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଅଭିଯୁକ୍ତ ମାନଙ୍କୁ ସୁରକ୍ଷା ଦେଉଥିଲେ। ମାତ୍ର ସାମାଜିକ ଗଣମାଧ୍ୟମରେ ଘଟଣାର ଭିଡିଓ ଭାଇରାଲ ହେବାପରେ ବିଭିନ୍ନ ଆଡୁ ଚାପରେ ପଡି ତରବରିଆ ଭାବରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ମାତ୍ର ସେହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଆଜି ପର୍ଯ୍ୟନ୍ତ ବାହାରେ ଘୁରି ବୁଲୁଛନ୍ତି। ଏହି ସମସ୍ତ ଘଟଣାରୁ ବାଲିଆପାଳ ଥାନା ଅଧିକାରୀ ଗୋବିନ୍ଦ ବେହେରା ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଅଛନ୍ତି ନା ଅପରାଧୀ ମାନଙ୍କ ସୁରକ୍ଷା ପାଇଁ ଅଛନ୍ତି ତାହା ଏହି ସବୁ ଘଟଣାରୁ ଜଳଜଳ ହୋଇ ଜଣାପଡୁଛି।

## କାନପୁରରୁ କାଣ୍ଡଗରଡ଼ି ରାସ୍ତାନିର୍ମାଣ ଅନିୟମିତତା ଏବଂ ନିମ୍ନମାନର ହୋଇଥିବା ଅଭିଯୋଗ

ନୀଳଗିରି , ୧୫/୭ (ନି.ପ୍ର): ଔପଦା ବ୍ଲକ ଅଧୀନ କାଣ୍ଡଗରଡ଼ି ପଞ୍ଚାୟତର କାନପୁରରୁ ନୟାପଟଣା ଭାୟା ବେଲପଦା କାଣ୍ଡଗରଡ଼ି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତା ନିମ୍ନମାନର ହେବା ସହିତ କାମ ନସରୁଣୁ ସ୍ଥାନେ ସ୍ଥାନେ ଫାଟିବା ସହିତ ଭାଙ୍ଗିଥିବା ଦେଖିବାକୁ ମିଳିଛି। ଗ୍ରାମ୍ୟସଡ଼କ ଉନ୍ନୟନ ବିଭାଗ ଦ୍ୱାରା ୫କୋଟି ୫୨ଲକ୍ଷ ୨୧ହଜାର ଟଙ୍କା ଅନୁଦାନରେ ନିର୍ମିତ ଉକ୍ତ ରାସ୍ତାର ପାର୍ଶ୍ୱରେଥିବା ଗଡିଆ, ପୋଖରୀ ଆଡିରେ ନିର୍ମାଣ ହୋଇଥିବା ଗାର୍ଡୱାଲ ରାସ୍ତାର ଉଚ୍ଚତା ଠାରୁ ବହୁ ନୀଚା ହୋଇଥିବା କାରଣରୁ ରାସ୍ତାକଡ଼ରେ ପକା ଯାଇଥିବା ମାଟିସବୁ ବର୍ଷାରେ ଗଡିଆ ଭିତରକୁ ବହିଯାଉଥିବା ଦେଖିବାକୁ ମିଳିଛି। ଏହାବାଦ କିଛି ବ୍ୟକ୍ତି ସରକାରୀ ରାସ୍ତାକଡ଼ ଜାଗାକୁ ଜବର ଦଖଲରେ ରଖିଥିବାବେଳେ ପ୍ରଶାସନ ଦ୍ୱାରା



ଡିମାର୍କେସନ(ଚିହ୍ନଟ ) କୁ ମଧ୍ୟ ବେଖାତିର କରିଛନ୍ତି ।ଏନେଇ ଗ୍ରାମବାସୀ ମାନେ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ତଦନ୍ତପାଇଁ ଆସିବେ ବୋଲି ପ୍ରତିଶୃତି ଦେଇଥିଲେ ମଧ୍ୟ ରାସ୍ତାକାମ ସରିବାକୁ ବସିଲାଣି ଅଥଚ ଯନ୍ତ୍ରୀଜଣକ ସାଇଡକୁ ଆସିନଥିବା ଦେଖିବାକୁ ମିଳିଛି ବୋଲି ଅଭିଯୋଗ ହୋଇଛି। ଫଳରେ ଅସାଧୁ ଉପାୟରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ନିର୍ମାଣରୁ ସ୍ଥାନେସ୍ଥାନେ ପକ୍କାରାସ୍ତା ଦବିଯିବାକ୍ଷ ସହିତ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ନବନିର୍ମିତ ପୋଲ ବି ଭୁଶୁଡିଯିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏତଦ ବ୍ୟତୀତ ସ୍ଥାନେସ୍ଥାନେ ରାସ୍ତାର ବାଙ୍କକୁ ୯୦ ଡିଗ୍ରୀ କୋଣରେ କାମହୋଇଥିବା କାରଣରୁ ବେଳେ ବେଳେ ସ୍ଥାନୀୟ ଲୋକେ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ଏନେଇ ଗ୍ରାମବାସୀ ଲକ୍ଷ୍ମୀଧର ଗେଡି, ପ୍ରଦୀପ ନାୟକ, କରୁଣାକର ଗେଡି, ବସନ୍ତ ଘଡେଇ, ବିଦ୍ୟାଧର ଘଡେଇ, କରୁଣାକର ଘଡେଇ, ମନୋରଞ୍ଜନ ନାୟକ, ସୁରେନ୍ଦ୍ର ଦାସ, ଭଗିରଥି ଦାସବାବୁ, ବିଦ୍ୟାଧର ଦାସବାବୁ, କିଶୋର ମହାନ୍ତି, ଗୟାଧର ଖୁଣ୍ଟିଆ, ଅର୍ଜୁନ ବେହେରା, ସୁରେନ୍ଦ୍ର ନାୟକ, ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ ପଦକ୍ଷେପ ନନେଲେ ରାଜରାସ୍ତାକୁ ଓଲ୍ହାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଆଧାର ନାହିଁ ବୋଲି କଲେ ନାହିଁ ଆଡ଼ମିସନ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ କାପୁରା ଓ ମାମୁନି

ଉଦଳା , ୧୫/୭ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖୁଂଟାବିଲ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରୁଇହା ମୁର୍ମୁଙ୍କର ୧୧ ବର୍ଷ ବୟସର କନ୍ୟା 'କାପୁରା' ଓ ୧୨ ବର୍ଷ ବୟସର କନ୍ୟା 'ମାମୁନି' ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଉକ୍ତ ଦୁଇ ଭଉଣି କେନ୍ଦୁଘାଟି ପ୍ରାଥମିକ ବିଦ୍ୟାଳୟରୁ ୫ମ ଶ୍ରେଣୀ ପାସ କରିଛନ୍ତି । ପରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ଯିବାରୁ ବିଦ୍ୟାଳୟର କର୍ତ୍ତୃପକ୍ଷ ଆଧାର କାର୍ଡ଼ ମାଗିଲେ । 'କାପୁରା' ଓ 'ମାମୁନି'ଙ୍କର ଆଧାର କାର୍ଡ଼ ନଥିବାରୁ ନାମ ଲେଖାଇନପାରି



ଫେରିଆସିଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ସେହିପରି ଷଷ୍ଠ ଶ୍ରେଣୀରେ ପଢ଼ିବାକୁ ହେଲେ ପାଖରେ ବିଦ୍ୟାଳୟ ନାହିଁ । ଜଙ୍ଗଲ ରାସ୍ତା ପାରି ହୋଇ ନିୟମିତ ପାଠ ପଢ଼ିବା ପାଇଁ ଦୂରକୁ ଯିବା ପିଲାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ଅଭିଭାବକ କହିଛନ୍ତି । ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ଏହି ଦୁଇ କନ୍ୟାଙ୍କ ନାମ ଯୋଡ଼ାଯାଇପାରି ନାହିଁ । ଫଳରେ ସରକାର ମୁଣ୍ଡପିଛା ଯେଉଁ ୫କିଗ୍ରା ଚାଉଳ ଯୋଗାଇ ଦେଉଛନ୍ତି ତାହା ପାଇବାରୁ ଏହି ଦୁଇ ଭଉଣି ବଂଚିତ ଅଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ବିଭିନ୍ନ କାରଣରୁ 'କାପୁରା' ଓ 'ମାମୁନି'ଙ୍କ ପରି ବହୁ ସଂଖ୍ୟାରେ ପିଲା ବର୍ତ୍ତମାନ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ଧୀରଜ କୁମାରଙ୍କ ପରଲୋକ

ମୁମ୍ବାଇ, ୧୫/୭ (ନି.ପ୍ର): ହିନ୍ଦୀ ଚଳଚ୍ଚିତ୍ର ଜଗତରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ଆସିଛି। ପ୍ରବୀଣ ଅଭିନେତା ତଥା ପ୍ରଯୋଜକ ଧୀରଜ କୁମାରଙ୍କ ପରଲୋକ ଘଟିଛି । ସେ ମଙ୍ଗଳବାର ସକାଳେ ୭୯ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଧୀରଜଙ୍କ ମୃତ୍ୟୁ ଖବର ଶୁଣି ହିନ୍ଦୀ ସିନେମା ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଶଂସକ ଏବଂ ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ଲୋକମାନେ ସୋସିଆଲ ମିଡ଼ିଆରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ସୂଚନା ଅନୁଯାୟୀ, ଅଭିନେତା ଏବଂ ପ୍ରଯୋଜକ ଧୀରଜ କୁମାରଙ୍କ ହସ୍ପିଟାଲରେ ଭର୍ତି ହେବା ତାଙ୍କ ପରିବାର ଏବଂ ପ୍ରଯୋଜନା ଦଳ ଦ୍ୱାରା ନିଶ୍ଚିତ କରାଯାଇଥିଲା।

## ଡୋଡାରେ ଖାଇକୁ ଖସିଲା ଯାତ୍ରୀବାହୀ ଗାଡି: ମହିଳାଙ୍କ ସମେତ ୫ ମୃତ

ଡୋଡା,୧୫/୭ : ଜମ୍ମୁ-କାଶ୍ମୀରର ପାହାଡ଼ିଆ ଅଞ୍ଚଳ ଡୋଡା ଜିଲ୍ଲାରେ ମଙ୍ଗଳବାର ଦିନ ଏକ ଓଭରଲୋଡ ଯାତ୍ରୀବାହନ ରାସ୍ତାରୁ ଖସି ଗଭୀର ଖାଇକୁ ଖସିପଡିଛି । ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ସହିତ ପାଞ୍ଚଜଣଙ୍କ ମୃତ୍ୟୁ ଘଟିଛି ଏବଂ ୧୭ ଜଣ ଲୋକ ଆହତ ହୋଇଛନ୍ତି। ଏହି ଦୁଃଖଦ ଘଟଣାରେ ଜମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଉମର ଅବ୍ଦୁଲ୍ଲା ଓ ଡେମୋକ୍ରେଟିକ୍ ପ୍ରୋଗ୍ରେସିଭ୍ ଆଜାଦ୍ ପାର୍ଟିର ଅଧ୍ୟକ୍ଷ ଗୁଲାମ ନବି ଆଜାଦ୍ ଶୋକ ପ୍ରକାଶ କରିଛନ୍ତି। ପୋଲିସ ଅନୁଯାୟୀ, ଏହି ଦୁର୍ଘଟଣା ଡୋଡା ସହରରୁ ପ୍ରାୟ ୩୦ କିଲୋମିଟର ଦୂର ପୋଣ୍ଡା ନିକଟ ଡୋଡା-ଭରଥ ସଡକରେ ସକାଳ ୯ଟା ପାଖାପାଖି ହୋଇଥିଲା, ଯେତେବେଳେ ଏକ ଟେମ୍ପୋ ଟ୍ରାଭେର୍ଲ ଚାଳକ ଏକ ମୋଡ଼ରେ ନିୟନ୍ତ୍ରଣ ହରାଇଦେଇଥିଲେ।

## ସହରର ପ୍ରବାହିତ ୩ଟି ମହାନାଳର ହେବ ପୁନରୁଦ୍ଧାର: ନଗରପାଳଙ୍କ ସହ ଅଧିକାରୀ ଓ କାଉନସିଲର କଲେ ସ୍ଥିତି ଅନୁଧ୍ୟାନ

ବାରିପଦା, ୧୫/୭ (ନି.ପ୍ର): ବାରିପଦା ସହରର କୃତ୍ରିମ ବନ୍ୟା ପରିସ୍ଥିତିକୁ ଏଡାଇବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଅଣ୍ଟା ଭିଡିଛନ୍ତି। ସହର ମଧ୍ୟରେ ପ୍ରବାହିତ ୩ଟି ମହାନାଳକୁ ଜବରଦଖଲ ମୁକ୍ତ କରି ପୁନରୁଦ୍ଧାର କରିବା ପାଇଁ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସହ ଅଧିକାରୀ ଓ କାଉନସିଲରଙ୍କ ଏକ ଟିମ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜରାଳି, ସରାଳି ଓ ଶୁକଯୋଡ଼ା ମହାନାଳ ଗୁଡ଼ିକରେ ବିଗତ କିଛି ବର୍ଷ ହେବ ବର୍ଷା ଦିନ ସମୟରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିବାରେ ଲାଗିଛି। ପ୍ରବଳ ବର୍ଷା ହେଲେ ଉକ୍ତ ମହାନାଳର ପାଣି ଫୁଲିବା ସହ ବାରିପଦା ସହର ବିଭିନ୍ନ ୱାର୍ଡ ମଧ୍ୟକୁ ପ୍ରବେଶ କରୁଛି। ଯାହାକି ଲୋକଙ୍କ ଅନେକ ସମସ୍ୟାର କାରଣ ସାଜିଛି। ଉକ୍ତ ୩ଟି ମହାନାଳ ଶଯ୍ୟା କ୍ରମାଗତ ଭାବେ ଜବରଦଖଲକାରୀଙ୍କ କବଜାରେ ରହିଛି। ଗତ ୨୦୧୩ମସିହା ଫାଇଲିନ ପର ଠାରୁ ଉକ୍ତ ନଦୀ ଗୁଡ଼ିକର ପୁନରୁଦ୍ଧାର ହୋଇନାହିଁ।



ପୁନରୁଦ୍ଧାର ଅଭାବରୁ ଗଛ, ମାଟି, ଅଳିଆ ଆବର୍ଜନାରେ ପୋତି ହୋଇ ସଙ୍କୁଚିତ ହୋଇଗଲାଣି। ମହାନାଳ ଉପରେ ଥିବା ପୋଲ କଲର୍ଭଟ ଗୁଡିକ ଅବରୋଧ ଯୋଗୁଁ ସହର ବନ୍ୟା ଜଳ ସଠିକ ଭାବେ ନିଷ୍କାସନ ନହୋଇ ସହରବାସୀଙ୍କୁ ଜଳବନ୍ଦୀ ଭଳି ସମସ୍ୟାର କାରଣ ସାଜିଛି। ଅନବନା ଗଛ ଲଟା କଟା, ଅଳିଆ ଆବର୍ଜନା, ଦଳ ସଫେଇ ଓ ପଙ୍କ ଉଦ୍ଧାର ନହେବା ଏବଂ ଜବରଦଖଲ ଉଚ୍ଛେଦ ନହେବା ଫଳରେ ବର୍ତ୍ତମାନ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଉକ୍ତ ମହାନାଳ ଗୁଡିକର ଧୀରେ ଧୀରେ ଜଳ ସ୍ରୋତକୁ ସଙ୍କୁଚିତ କରି ଜବରଦଖଲ କରି ନିଜ ଆୟତ୍ତକୁ ନେଇ ସାରିଲେଣି। ବାରିପଦା ସହରବାସୀ ସମସ୍ୟାକୁ ଆଖି ଆଗରେ ରଖି ଏ ଦିଗରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା ପାଇଁ ବାରିପଦା ପୋ ?ରପାଳିକା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ୩ଟି ମହାନାଳରେ ବନ୍ୟ ଜଳ ନିଷ୍କାସନ କରିବା ପାଇଁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ବାରିପଦା ପୌରପାଳିକା ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରୀ ତଥା ବାରିପଦା ତହସିଲଦାର ସପନ କୁମାର ସାହୁ, ମୟୁରଭଞ୍ଜ କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ହାଁସଦା, କାଉନସିଲର ରାଜ ଗୁପ୍ତା, ତ୍ରୈଲକେଶ ପଣ୍ଡା, କୁମାର ମୁଖୀ ପ୍ରମୁଖ ମହାନାଳ ଗୁଡିକ ପରିଦର୍ଶନ କରିଛନ୍ତି। ଜନସାଧାରଣଙ୍କ ସମସ୍ୟାକୁ ଦୂର କରିବା ନିମନ୍ତେ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଫକୀର ମୋହନ କଲେଜ ଛାତ୍ରୀ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଦାବି ଏବଂ ଜୁଲାଇ ୧୭ ଓଡିଶା ବନ୍ଦକୁ ସଫଳ କରନ୍ତୁ: ସିପିଆଇ (ଏମ)



ବାଲେଶ୍ୱର , ୧୫/୭ (ନି.ପ୍ର): ମଙ୍ଗଳବାର ସୌମ୍ୟଶ୍ରୀର ମୃତ୍ୟୁ ଏକ ସୁପରିକଳ୍ପିତ ଷଡଯନ୍ତ୍ର, ଦୀର୍ଘ ଆଠ ମାସ ଧରି ଅତ୍ୟାଚାରିତ ହେଉଛନ୍ତି ବୋଲି କଲେଜ ଅଧକ୍ଷ ପୋଲିସ ପ୍ରଶାସନ, ଜିଲ୍ଲାପାଳ ସମତେ ମୁଖ୍ୟ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବିଧାୟକଙ୍କୁ ଜଣାଇଥିଲେ, କିନ୍ତୁ କୋଣସି ସ୍ତର ରୁ ନ୍ୟାୟ ମିଳିନଥିଲା. ଘଟଣା ଦିନ କି ପ୍ରକାର ପରିସ୍ଥିତି ସୃଷ୍ଟି ହେଲା ସେ ଆତ୍ମହତ୍ୟା କରିବାକୁ ଉଦ୍ୟମ କଲେ। ସେଠାକୁ ପେଟ୍ରୋଲ କେଉଁଠି ଆସିଲା ଏବଂ ତାଙ୍କୁ ଆତ୍ମହତ୍ୟା କରିବାକୁ କେହି ପ୍ରବତାଇ ଥିଲେ କି ନାହିଁ ଇତ୍ୟାଦି ଘଟଣା ର ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ଏକ ନିରପକ୍ଷ ତଦନ୍ତ ଆବଶ୍ୟକ। ସ୍ଥାନୀୟ ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତକୁ ବିଶ୍ୱାସ କରାଯାଇପାରିବ ନାହିଁ, ତେଣୁ ଉଚ୍ଚ ନ୍ୟାୟଳୟ ର ତତ୍ୱା ବଧାନ ରେ ତଦନ୍ତ କରିବା ପାଇଁ ଜାତୀୟ କଂଗ୍ରେସ ଓ ବାମପନ୍ଥୀ ଦଳ ସମେତ ଇଣ୍ଡିଆ ବ୍ଲକ ର ଅଂଶୀ ଦାର ଦଳ ତରଫରୁ ଦାବୀ କରାଯାଇଛି। ଏଥି ସହିତ ନୈତିକତା ଦୃଷ୍ଟି ରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବିଧାୟକ ତାଙ୍କ ପଦବୀ ରୁ ଇସ୍ତଫା ଦେବାକୁ ଦାବୀ କରାଯାଉଛି। ଜିଲ୍ଲାପାଳ ଓ ଏସ.ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଡବଲ ଇଞ୍ଜିନ ସରକାର ର ଏକ ବର୍ଷ ଶାସନ ଅମଳ ରେ ଦ୍ରୁତ ଅବନତି ଘଟିଛି, ମହିଳାମାନେ ସବୁଠାରୁ ଅସୁରକ୍ଷିତ। ଏହା ବିରୁଦ୍ଧରେ ଏବଂ ସୌମ୍ୟଶ୍ରୀ ର ଆତ୍ମହତ୍ୟା ଘଟଣାର ବିଚାର ବିଭଗୀୟ ତଦନ୍ତ ଦାବୀ ରେ ଇଣ୍ଡିଆ ବ୍ଲକ ତରଫରୁ ଓଡିଶା ବନ୍ଦର ଡାକରାକୁ ସଫଳ କରିବା ପାଇଁ ଆଜି ଅନୁଷ୍ଠିତ ସିପି ଆଇ ଏମ ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକରେ ବାଲେଶ୍ୱର ଜିଲ୍ଲାର ସମସ୍ତ ସଚେତନ ନାଗରିକ ମାନଙ୍କୁ ନିବେଦନ କରାଯାଉଛି, ଉକ୍ତ ବୈଠକ ରେ ନିର୍ମଳ ନାୟକ, ସୀତାଂଶୁ ସେନାପତି,ପ୍ରେମରଞ୍ଜନ ପାତ୍ର, ବିଜୟ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଶ୍ୟାମସୁନ୍ଦର ଜେନା ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida